**GOVERNEMENT OF ODISHA**
**SCHOOL AND MASS EDUCATION DEPARTMENT**

**No.** 18399 **/SME** **Date.** 21-08-14
**VI-SME-(B)-11/2012**

From

Sri S. N. Mallick,
Additional Secretary to Govt.

To

The State Project Director, OPEPA
The State Project Director, OMSM(RMSA)
The Director, Secondary education(O)
The Director, Elementary Education, (O)
The Director, TE&SCERT, Odisha
The Secretary, Board of Secondary Education,Odisha,Cuttack
The State Nodal Officer, MDM.

***Sub: Implementation of Calendar of Academic Activities for Elementary & Secondary.***

Sir,

I am directed to enclose herewith the approved Calendar of Academic Activities for Elementary & Secondary for circulation and implementation in the Schools. The details of modalities to reach this at School points is being issued separately.

Yours faithfully,

21.8.14

Addl. Secretary to Govt.

HP/D:\Section VI\Implementation of Calendar of Academic Activities.docx

# ବିଦ୍ୟାଳୟ କାର୍ଯ୍ୟସୂଚୀ

## ପ୍ରାଥମିକଠାରୁ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ

# କାର୍ଯ୍ୟ ନିର୍ଘଣ୍ଟ

| କ୍ରମିକ ସଂଖ୍ୟା | କାର୍ଯ୍ୟକ୍ରମ | ସମୟ ସୂଚୀ |
|---|---|---|
| ୧. | ପ୍ରାର୍ଥନା ସଭା | ପ୍ରାତଃ ୬.୩୦ ରୁ ୬.୪୫ (ମାର୍ଚ୍ଚ ଏବଂ ଏପ୍ରିଲ୍)<br>ପ୍ରାତଃ ୬.୩୦ ରୁ ୬.୪୫ (ଜୁନ୍ ଠାରୁ ଫେବୃୟାରୀ ପର୍ଯ୍ୟନ୍ତ ପ୍ରତ୍ୟେକ ଶନିବାର ଦିନ)<br>ଦିବା ୧୦.୦୦ ରୁ ୧୦.୧୫ (ଜୁନ୍‌ଠାରୁ ଫେବୃୟାରୀ ପର୍ଯ୍ୟନ୍ତ) |
| ୨. | ବିଦ୍ୟାଳୟ ସମୟ (ମାର୍ଚ୍ଚ ଏବଂ ଏପ୍ରିଲ୍) | ପ୍ରାତଃ ୬.୩୦ରୁ ଦିବା ୧୧.୦୦ ପର୍ଯ୍ୟନ୍ତ (ପ୍ରତ୍ୟେକ ଶ୍ରେଣୀ ନିମନ୍ତେ) |
| | ବିଦ୍ୟାଳୟ ସମୟ<br>ଜୁନ୍ ଠାରୁ ଫେବୃୟାରୀ | (ପ୍ରତ୍ୟେକ ଶନିବାର ପ୍ରତ୍ୟେକ ଶ୍ରେଣୀ ନିମନ୍ତେ) ପ୍ରାତଃ ୬.୩୦ ରୁ ଅପରାହ୍ନ ୧୨.୩୦<br>(ସୋମବାର ଠାରୁ ଶୁକ୍ରବାର)<br>ଦିବା ୯.୩୦ ରୁ ଅପରାହ୍ନ ୫.୦୦ (ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକ ମାନଙ୍କ ନିମନ୍ତେ)<br>ଦିବା ୯.୩୦ ରୁ ଅପରାହ୍ନ ୪.୦୦ (ପ୍ରଥମ ଶ୍ରେଣୀରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ)<br>ଦିବା ୯.୩୦ ରୁ ଅପରାହ୍ନ ୪.୩୦ (୬ଷ୍ଠ ଶ୍ରେଣୀ ରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ) |
| ୩. | ଶିକ୍ଷାଦାନ ସମୟ<br>କ) ମାର୍ଚ୍ଚ ଏବଂ ଏପ୍ରିଲ୍ | |
| | ■ ପ୍ରଥମାର୍ଦ୍ଧ | ପ୍ରାତଃ ୬.୪୫ ରୁ ୯.୦୫ (୪ ପିରିୟଡ୍ ପ୍ରତ୍ୟେକର ଅବଧି ୩୫ ମିନିଟ୍) |
| | ■ ବିରତି | ଦିବା୯.୦୫ରୁ ୯.୩୦ (୨୫ ମିନିଟ୍) |
| | ■ ଦ୍ୱିତୀୟାର୍ଦ୍ଧ | ଦିବା ୯.୩୦ ରୁ ୧୧.୦୦ (ତିନି ପିରିୟଡ୍ ପ୍ରତ୍ୟେକ ର ଅବଧି ୩୦ ମିନିଟ୍) |
| | ■ ମଧ୍ୟାହ୍ନ ଭୋଜନ | ଦିବା ୧୧.୦୦ |
| | (ଖ) ଜୁନ୍ ଠାରୁ ଫେବୃୟାରୀ ପର୍ଯ୍ୟନ୍ତ (ସୋମବାର ଠାରୁ ଶୁକ୍ରବାର ପର୍ଯ୍ୟନ୍ତ) | |
| | ■ ପ୍ରଥମାର୍ଦ୍ଧ | ସକାଳ ୯.୩୦ ରୁ ୧୦.୦୦ (ପିଲାମାନେ ଖେଳୁଥିବା ସମୟରେ ଶିକ୍ଷକମାନଙ୍କ ଦ୍ୱାରା ଶାରୀରିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନ୍ତର୍ଗତ ପର୍ଯ୍ୟବେକ୍ଷଣ ଓ ନିରୀକ୍ଷଣ କରାଯିବ) ପିଲାମାନଙ୍କୁ ଖେଳରେ ଶିକ୍ଷକ ଓ ଶାରୀରିକ ବୃତ୍ତିଭିତ୍ତିକ ଶିକ୍ଷକମାନେ ସହାୟତା କରିବେ ।<br>ସକାଳ ୧୦.୦୦ ରୁ ୧୦.୧୫ (ପ୍ରାର୍ଥନା)<br>ସକାଳ ୧୦.୧୫ ରୁ ଅପରାହ୍ନ ୧.୧୫ (ପ୍ରଥମ ୪ ପିରିୟଡ୍ ପ୍ରତ୍ୟେକର ଅବଧି ୪୫ମିନିଟ୍) |
| | ■ ବିରତି ଏବଂ ମଧ୍ୟାହ୍ନ ଭୋଜନ | ଅପରାହ୍ନ ୧.୧୫ରୁ ୨.୦୦ ଟା ପର୍ଯ୍ୟନ୍ତ |

| | | | |
|---|---|---|---|
| | ▪ | ଦ୍ୱିତୀୟାର୍ଦ୍ଧ | ଅପରାହ୍ନ ୨.୦୦ ରୁ ୪.୦୦ ଟା ପର୍ଯ୍ୟନ୍ତ ୩ ପିରିୟଡ୍ ପ୍ରତ୍ୟେକର ଅବଧି ୪୦ ମିନିଟ୍ (୧ମ ରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ)<br>ଅପରାହ୍ନ ୨ଟା ରୁ ୪.୧୫ ପର୍ଯ୍ୟନ୍ତ (ପ୍ରତ୍ୟେକ ପିରିୟଡ୍ ର ଅବଧି ୪୫ ମିନିଟ୍ ୬ଷ୍ଠ ରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ) |
| ୪. | | ଜୁନ୍ ଠାରୁ ଫେବୃୟାରୀ ପର୍ଯ୍ୟନ୍ତ | ପ୍ରତ୍ୟେକ ଶନିବାର ଦିନ |
| | ▪ | ପ୍ରଥମାର୍ଦ୍ଧ | ପ୍ରାତଃ ୬.୪୫ ରୁ ୯.୪୫ (ପ୍ରଥମ ୪ ପିରିୟଡ୍ ପ୍ରତ୍ୟେକର ଅବଧି ୪୫ମିନିଟ୍) |
| | ▪ | ବିରତି | ସକାଳ ୯.୪୫ରୁ ୧୦.୧୫ (୩୦ମିନିଟ୍) |
| | ▪ | ଦ୍ୱିତୀୟାର୍ଦ୍ଧ | ୧୦.୧୫ ରୁ ୧୨.୩୦ (୩ପିରିୟଡ୍ ପ୍ରତ୍ୟେକର ଅବଧି ୪୫ ମିନିଟ୍) |
| | ▪ | ମଧ୍ୟାହ୍ନ ଭୋଜନ | ମଧ୍ୟାହ୍ନ ୧୨.୩୦ |

## ପ୍ରାର୍ଥନା ସଭା ସମ୍ବନ୍ଧୀୟ କାର୍ଯ୍ୟକ୍ରମ

୧. ପ୍ରାର୍ଥନା ଗାନ

୨. ବ୍ୟକ୍ତିଗତ ସ୍ୱାସ୍ଥ୍ୟର ପରୀକ୍ଷା ନିରୀକ୍ଷା

- ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେବେ । ସେମାନେ ଛାତ୍ରଛାତ୍ରୀମାନଙ୍କର ନିୟମିତ ଦାନ୍ତ ଘଷିବା, ମୁଣ୍ଡ କୁଣ୍ଡାଇବା, ସଫା ପୋଷାକ ପରିଧାନ କରିବା, ଶରୀରର ପରିଚ୍ଛନ୍ନତା ତଥା ସି.ସି.ଇ ରେ ଥିବା ବିଭିନ୍ନ ସାମାଜିକ ଓ ବ୍ୟକ୍ତିଗତ ଗୁଣାବଳୀ ପ୍ରତି ଦୃଷ୍ଟି ଦେବେ ।
- ପ୍ରତିଶ୍ରେଣୀର ମନିଟରମାନେ ଶିକ୍ଷକମାନଙ୍କୁ ଛାତ୍ରଛାତ୍ରୀମାନଙ୍କର ଶ୍ରେଣୀରେ ପ୍ରବେଶ ସମୟରେ ବ୍ୟକ୍ତିଗତ ପରିଚ୍ଛନ୍ନତା ତଦାରଖ କରିବାରେ ସାହାଯ୍ୟ କରିବେ ।

୩. ପ୍ରମୁଖ ସମ୍ବାଦ ପାଠ – କେବଳ ସକାରାତ୍ମକ ସମ୍ବାଦ ଗୁଡ଼ିକ ଉଭୟ ଓଡ଼ିଆ ଏବଂ ଇଂରାଜୀରେ ପାଠ କରାଯିବ ।

୪. ନୀତି ଶିକ୍ଷା (ଏକ ନିର୍ଦ୍ଦିଷ୍ଟ ବୋର୍ଡରେ ପ୍ରସଙ୍ଗଟି ଲେଖାଯିବ ଏବଂ ଶିକ୍ଷକମାନଙ୍କଦ୍ୱାରା ଆଲୋଚନା କରାଯିବ)

୫. ଦିବସର ପ୍ରାଧାନ୍ୟତା : ଶିକ୍ଷକ ପାଳନୀୟ ଦିବସର ପ୍ରାଧାନ୍ୟତା ସମ୍ବନ୍ଧରେ ବୁଝାଇବେ

୬. ପ୍ରଧାନ ଶିକ୍ଷକ କିମ୍ବା ଶିକ୍ଷକ / ଶିକ୍ଷୟିତ୍ରୀମାନେ ନିମ୍ନରେ ଦିଆଯାଇଥିବା ସାମାଜିକ ଏବଂ ବ୍ୟକ୍ତିଗତ ଗୁଣାବଳୀ ଗୁଡ଼ିକ ମଧ୍ୟରୁ ଯେକୌଣସି ଗୋଟିକର ଆଲୋଚନା ଛାତ୍ରଛାତ୍ରୀମାନଙ୍କର ଆଚରଣଗତ ଉନ୍ନତି ଏବଂ ସାମାଜିକ ସଚେତନତାର ବୃଦ୍ଧି ନିମନ୍ତେ କରିବେ ।

ଦୈନନ୍ଦିନ ବିଶେଷତ୍ୱ (ଉତ୍ତମ ଆଚରଣ ପାଇଁ ଶିକ୍ଷା)

ଶିକ୍ଷକ/ଶିକ୍ଷୟିତ୍ରୀମାନେ ଉତ୍ତମ ଆଚରଣ ପାଇଁ ଛାତ୍ରଛାତ୍ରୀମାନଙ୍କୁ ନିମ୍ନ ଲିଖିତ ଗୁଣାବଳୀ ସହିତ ପରିଚିତ କରାଇବେ -

- ସତ କହିବା
- ପରସ୍ପର ସହିତ ସହଯୋଗ ଓ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପନ କରିବା

- ସମୟାନୁବର୍ତ୍ତିତା
- ନୂତନ କାର୍ଯ୍ୟକରିବା ପାଇଁ ପ୍ରୟାସ କରିବା
- ଦାୟିତ୍ୱ ବୋଧ
- ବ୍ୟବହାରିକ ଜ୍ଞାନ
- ଅଧ୍ୟବସାୟ
- କର୍ତ୍ତବ୍ୟ ପରାୟଣତା
- ପରିବେଶ ସଚେତନତା
- ଶ୍ରମ ପ୍ରତି ସମ୍ମାନବୋଧ
- ନୂତନତ୍ୱର ପ୍ରଦର୍ଶନ
- ଗୁରୁଜନଙ୍କୁ ସମ୍ମାନ
- ସହନଶୀଳତା
- ଅନ୍ୟର ଭଲ କାର୍ଯ୍ୟକୁ ପ୍ରଶଂସା କରିବା
- ନେତୃତ୍ୱ
- ଦେଶାତ୍ମବୋଧ
- ପରିବେଶର ସୁରକ୍ଷା ପ୍ରତି ସଚେତନତା
- ସାଂସ୍କୃତିକ ଐତିହ୍ୟର ରକ୍ଷା
- ଦୁର୍ବଳ ଶ୍ରେଣୀର ଲୋକଙ୍କ ପ୍ରତି ସ୍ନେହ
- ପଶୁଙ୍କ ପ୍ରତି ସ୍ନେହ
- ବୃକ୍ଷ ପ୍ରତି ସ୍ନେହ

ଉପରେ ଦିଆଯାଇଥିବା ତାଲିକା ପର୍ଯ୍ୟାପ୍ତ ନୁହେଁ । ଶିକ୍ଷକମାନେ ଇଚ୍ଛାକଲେ ଅନ୍ୟ ବ୍ୟକ୍ତିଗତ ଏବଂ ସାମାଜିକ ଗୁଣ ଯାହା ଛାତ୍ରଛାତ୍ରୀମାନଙ୍କ ମଙ୍ଗଳ ପାଇଁ ଉଦ୍ଦିଷ୍ଟ, ତାହା ଏଥିରେ ଯୋଗ କରିପାରିବେ ।

- ଜାତୀୟ ସଙ୍ଗୀତ ଗାନ

# ସାଧାରଣ ନିର୍ଦ୍ଦେଶାବଳୀ

- ଜୁନ୍ ଠାରୁ ଫେବୃୟାରୀ ମାସ ପର୍ଯ୍ୟନ୍ତ ଶିକ୍ଷକମାନଙ୍କ ପାଇଁ କାର୍ଯ୍ୟ ସମୟ ସକାଳ ୯.୩୦ ରୁ ଅପରାହ୍ନ ୫.୦୦ଟା ପର୍ଯ୍ୟନ୍ତ ହେବ । ଛାତ୍ରଛାତ୍ରୀମାନେ ସକାଳ ୯.୩୦ରୁ ୧୦.୦୦ଟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ଏବଂ ଶାରୀରିକ ଶିକ୍ଷା/ଖେଳକୁଦ ଅନ୍ତର୍ଗତ କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ନିଜ ପସନ୍ଦ ମୁତାବକ ଖେଳ ଖେଳିପାରିବେ ଏବଂ ଶିକ୍ଷକମାନେ ଏହାର ପର୍ଯ୍ୟବେକ୍ଷଣ କରିବେ । ୧୦.୦୦ ସମୟରେ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇ ପରବର୍ତ୍ତୀ କାର୍ଯ୍ୟସୂଚୀ ଅନୁସାରେ ବିଦ୍ୟାଳୟର କାର୍ଯ୍ୟ ସମ୍ପାଦନ ହେବ ।
- ଜୁନ୍ ଠାରୁ ଫେବୃୟାରୀ ମାସ ମଧ୍ୟରେ ୧ମ ରୁ ୫ମ ଶ୍ରେଣୀ ପିଲାଙ୍କ ପାଇଁ ବିଦ୍ୟାଳୟର ସମୟ ସକାଳ ୯.୩୦ ରୁ ଅପରାହ୍ନ ୪.୦୦ଟା ରଖାଯିବ ଏବଂ ୬ଷ୍ଠ ଶ୍ରେଣୀ ଠାରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟର ସମୟ ସକାଳ ୯.୩୦ ରୁ ଅପରାହ୍ନ ୪.୩୦ ପର୍ଯ୍ୟନ୍ତ ରହିବ । ୬ଷ୍ଠ ଶ୍ରେଣୀ ଠାରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ୪.୧୫ରେ ସମାପ୍ତ ହେବ । ୪.୧୫ରୁ ୪.୩୦ ପର୍ଯ୍ୟନ୍ତ ସମୟ ଛାତ୍ରଛାତ୍ରୀମାନଙ୍କର ଖେଳକୁଦ ନିମନ୍ତେ କିମ୍ବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଦେଶିତ ସାମାଜିକ କାର୍ଯ୍ୟକ୍ରମ ନିମନ୍ତେ ବିନିଯୋଗ କରାଯିବ ।
- ଶିକ୍ଷା ଦାନର ସମୟ ଅପରାହ୍ନ ୪.୦୦ଟା / ୪.୧୫ ରେ ସମାପ୍ତ ହେବା ପରେ ବଳକା ସମୟକୁ ପ୍ରଧାନ ଶିକ୍ଷକ ଏବଂ ଅନ୍ୟାନ୍ୟ ଶିକ୍ଷକ ବୃନ୍ଦ ପରବର୍ତ୍ତୀ ଦିନର କାର୍ଯ୍ୟକଳାପର ପ୍ରସ୍ତୁତି ଏବଂ ପାଠ ଯୋଜନା ପ୍ରସ୍ତୁତିରେ ବିନିଯୋଗ କରିବେ ।
- ପ୍ରଧାନ ଶିକ୍ଷକ ପୂରା ଦିବସର କାର୍ଯ୍ୟକଳାପ ସମ୍ବନ୍ଧରେ ଶିକ୍ଷକମାନଙ୍କ ସହିତ ଆଲୋଚନା ଏବଂ ବିଚାରବିମର୍ଶ କରି ସମୟର ସଦୁପଯୋଗ କରିବେ ।
- ବିଦ୍ୟାଳୟର ସବିଶେଷ ସମୟ ନିର୍ଘଣ୍ଟ ବିଦ୍ୟାଳୟ କାନ୍ଥରେ ଦର୍ଶାଯିବ ।
- ବିଦ୍ୟାଳୟରେ ରଖାଯାଇଥିବା ଧାରଣା ବାକ୍ସ (Idea box) ପ୍ରତ୍ୟେକ ବୁଧବାର ଦିନ ଖୋଲାଯିବ । ଏଥିରେ ଥିବା ମତାମତ ଗୁଡ଼ିକୁ ବିଶ୍ଳେଷଣ କରିବା ସହ ତଦନୁଯାୟୀ ପଦକ୍ଷେପ ନେବେ ।
- ପ୍ରତ୍ୟେକ ମାସର ଅନ୍ତତଃ ଗୋଟିଏ ଦିନ ବିଦ୍ୟାଳୟ ମନ୍ତ୍ରୀମଣ୍ଡଳର ସଭ୍ୟମାନଙ୍କ ମଧ୍ୟରେ ନିଜ ନିଜର କାର୍ଯ୍ୟକଳାପ ଏବଂ ଅଗ୍ରଗତି ସମ୍ବନ୍ଧରେ ଆଲୋଚନା ନିମନ୍ତେ ଉଦ୍ଦିଷ୍ଟ ହେବ । କାର୍ଯ୍ୟ ଶିକ୍ଷା ଅନ୍ତର୍ଗତ ଗୋଟିଏ ପିରିୟଡ୍ ଏହି କାର୍ଯ୍ୟ ନିମନ୍ତେ ନ୍ୟସ୍ତ କରାଯାଇ ପାରେ । ଯେଉଁ ଶିକ୍ଷକ ବିଦ୍ୟାଳୟ ମନ୍ତ୍ରୀମଣ୍ଡଳର ଦାୟିତ୍ୱରେ ଥିବେ, ସେମାନେ ପରୋକ୍ଷ କିମ୍ବା ପ୍ରତ୍ୟକ୍ଷ ଭାବରେ ଏହି କାର୍ଯ୍ୟକୁ ସମ୍ପାଦନ କରାଇବାରେ ସାହାଯ୍ୟ କରିବେ ।
- ୧୦ମ ଶ୍ରେଣୀ ପିଲାଙ୍କର ନିୟମିତ କ୍ଲାସ୍ ପ୍ରି-ବୋର୍ଡ଼-୨ ପରୀକ୍ଷା ପରେ ବନ୍ଦ କରାଯିବ ନାହିଁ । (ପ୍ରି-ଟେଷ୍ଟ ଏବଂ ଟେଷ୍ଟ ପରୀକ୍ଷାର ନାମ ପରିବର୍ତ୍ତନ ହୋଇ ଏହାକୁ ପ୍ରି-ବୋର୍ଡ଼-୧ ଏବଂ ପ୍ରି-ବୋର୍ଡ଼-୨ କରାଯାଇ ଅଛି ।) ଛାତ୍ରଛାତ୍ରୀମାନଙ୍କୁ ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ପ୍ରସ୍ତୁତ କରାଇବାରେ ଏବଂ ପାଠ୍ୟ ସମୂହକୁ ପୁନର୍ବାର ପୁନରାବୃତ୍ତି କରିବାରେ ଏହି ସମୟକୁ ବିନିଯୋଗ କରାଯିବ ।
- ଛୁଟି ତାଲିକା ଏବଂ ସ୍ଥାନୀୟ ଛୁଟିର ଘୋଷଣା ସଂପୃକ୍ତ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକମାନେ ପ୍ରତ୍ୟେକ ବର୍ଷର ଡିସେମ୍ବର ମାସରେ ସରକାରୀ ଭାବେ ଘୋଷଣା କରିବେ ।
- ଶିକ୍ଷାର୍ଥୀମାନଙ୍କର ସ୍ୱାସ୍ଥ୍ୟଗତ, ବ୍ୟକ୍ତିଗତ, ଖେଳକୁଦ, ଇଚ୍ଛା, କୌତୁହଳ, ଆଗ୍ରହ, ରୁଚି ଇତ୍ୟାଦିକୁ ପର୍ଯ୍ୟବେକ୍ଷଣ କରାଯାଇ ପ୍ରଗତି ପତ୍ରରେ ଲିପିବଦ୍ଧ କରାଯିବ । ପ୍ରତ୍ୟେକ ଶନିବାର ଦିନ ବିଦ୍ୟାଳୟର ସମସ୍ତ ଶ୍ରେଣୀ ପାଇଁ ଶେଷ ଦୁଇ ପିରିୟଡ଼ରେ ସହପାଠ୍ୟ କାର୍ଯ୍ୟକ୍ରମର ପ୍ରତିଯୋଗିତା ଆୟୋଜନ କରାଯିବ ।
- ତର୍କ, ବାଗ୍ମୀତା ଏବଂ ତତ୍କାଳ ଚିନ୍ତନ ଭାଷଣ ସମୟରେ ଛାତ୍ରଛାତ୍ରୀମାନଙ୍କୁ ଭାଷଣମେଜର ବ୍ୟବହାର ପାଇଁ ଉତ୍ସାହିତ କରାଯିବ ।

- ଅନ୍ୟାନ୍ୟ ପାଠ୍ୟକ୍ରମ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଯଥା ଏନ୍.ସି.ସି, ସ୍କାଉଟ୍, ଗାଇଡ୍, ଜୁନିୟର ରେଡ୍‌କ୍ରସ୍ ଇତ୍ୟାଦି ପ୍ରତ୍ୟେକ କାର୍ଯ୍ୟଦିନର ପରେ ଏବଂ ଛୁଟିଦିନମାନଙ୍କରେ ଆୟୋଜନ କରାଯିବ ।
- ଶିକ୍ଷକମାନେ ପ୍ରତ୍ୟେକ ମାସର ଶେଷ କାର୍ଯ୍ୟଦିବସ ଦିନ ବିଦ୍ୟାଳୟ ସମୟ ପରେ ଅଧଘଣ୍ଟାପାଇଁ ଛାତ୍ରଛାତ୍ରୀମାନଙ୍କର ଶିକ୍ଷାଗତ ଉନ୍ନତି, ପ୍ରତିଯୋଗୀତା ଏବଂ ସହପାଠ୍ୟକ୍ରମ କାର୍ଯ୍ୟକ୍ରମର ବିଶ୍ଳେଷଣ କରିବାପାଇଁ ଏକାଠି ହେବେ ।
- ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ପରିବେଶ, ମୂଲ୍ୟବୋଧର ମହତ୍ତ୍ୱ, କଳା, ବିଜ୍ଞାନ, ସାହିତ୍ୟ, ସଂସ୍କୃତି, କ୍ରୀଡ଼ା କ୍ଷେତ୍ରରେ ରାଜ୍ୟ ଏବଂ ଦେଶର ବିଶିଷ୍ଟ ବ୍ୟକ୍ତିତ୍ୱମାନଙ୍କର ଅବଦାନ ସମ୍ପର୍କରେ ଅବଗତ କରାଇବେ ।
- ଶିକ୍ଷାବର୍ଷରେ ୨ଥର ଅର୍ଥାତ୍ ନଭେମ୍ବର ଓ ମାର୍ଚ୍ଚ ମାସ ଶେଷରେ ଶିକ୍ଷାର୍ଥୀ ପ୍ରଗତି ପତ୍ର ଗୁଡ଼ିକୁ ଅଭିଭାବକ ମାନଙ୍କୁ ଯୋଗାଇ ଦିଆଯିବ ।
- ପ୍ରଧାନ ଶିକ୍ଷକ ବର୍ଷ ଆରମ୍ଭରୁ ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି / ଅଭିଭାବକ ଶିକ୍ଷକ ମାନଙ୍କର ବୈଠକ ପ୍ରତ୍ୟେକ ମାସର ଦ୍ୱିତୀୟ ଶନିବାର ଦିନ ଆହ୍ୱାନ କରିବେ । ଯଦି କୌଣସି ମାସର ଦ୍ୱିତୀୟ ଶନିବାର ଛୁଟି ପଡୁଥାଏ, ତେବେ ସେହି ମାସର ପରବର୍ତ୍ତୀ କାର୍ଯ୍ୟଦିବସ ଦିନ ପରିଚାଳନା କମିଟିର ବୈଠକ ଆୟୋଜନ କରାଯିବ ।

---

**ବିଦ୍ୟାଳୟ ପରିଚାଳନା କମିଟିର ମାସିକ ବୈଠକ ବାଧ୍ୟତାମୂଳକ ଅଟେ ।**

---

# ସହପାଠ୍ୟ କାର୍ଯ୍ୟକ୍ରମ

ନିମ୍ନ ଲିଖିତ କାର୍ଯ୍ୟାବଳୀ ଗୁଡ଼ିକ ଶିକ୍ଷକ ମାନଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜନ କରାଯିବ ଯାହା ଫଳରେ ଛାତ୍ରଛାତ୍ରୀମାନେ ଜୀବନ କୌଶଳ ସମ୍ବନ୍ଧୀୟ ଶିକ୍ଷା, ସାମାଜିକ ସମସ୍ୟା ଏବଂ ମୂଲ୍ୟବୋଧ ପ୍ରତି ଉତ୍ତମ ପ୍ରବୃତ୍ତି, ସାକ୍ଷରତା ବୃଦ୍ଧି, ବୈଜ୍ଞାନିକ କୌଶଳ ଏବଂ ଉଚ୍ଚ ସ୍ତରର ମାନସିକ ଚେତନା ହାସଲ କରିପାରିବେ ।

<u>ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ</u>

- ପରସ୍ପର ମଧ୍ୟରେ ପରିଚୟର ଆଦାନ ପ୍ରଦାନ
- ଶାରୀରିକ ବ୍ୟାୟାମ ଓ ଯୋଗ
- ଖଣ୍ଡ ଚିତ୍ରଗୁଡ଼ିକ ଯୋଡ଼ି ଏକ ପୂର୍ଣ୍ଣ ଚିତ୍ରର ପ୍ରସ୍ତୁତି
- ପରସ୍ପର ମଧ୍ୟରେ ନିଜର ପରିବାର ଏବଂ ପଡୋଶୀଙ୍କ ସମ୍ପର୍କରେ କଥୋପକଥନ
- ଗଳ୍ପ ପଠନ
- ନାଚ ଓ ଗୀତ
- ଚିତ୍ର ଅଙ୍କନ କରି ରଙ୍ଗ ଦେବା
- ନୀତି ଶିକ୍ଷା ଆଧାରିତ ଗଳ୍ପ କଥନ
- ପିଲାଙ୍କ ସହ ଖୋଲା କଥା - ଆମ ପରିବାର, ଆମ ଗାଁ, ଆମ ବିଦ୍ୟାଳୟ
- ଖେଳକୁଦ ଯଥା – ଦୌଡ଼ ପ୍ରତିଯୋଗିତା, ପୁଚି, ଡ଼ିଆଁ, ମ୍ୟୁଜିକ୍ ଚେୟାର, ରୁମାଲ୍ ଖେଳ, ଲୁଡୁ ଏବଂ କ୍ୟାରମ – ଏଥିପାଇଁ ଶ୍ରେଣୀ ୱାରୀ ଖେଳ କାର୍ଡ଼ର ବ୍ୟବହାର କରାଯାଇ ପାରିବ । ଏହା ବ୍ୟତୀତ ଶାରୀରିକ ଓ ସ୍ୱାସ୍ଥ୍ୟ ଶିକ୍ଷା ଅନ୍ତର୍ଗତ ସହାୟକ ପୁସ୍ତିକାରେ ଦିଆଯାଇଥିବା ଖେଳର ଅଭ୍ୟାସ କରାଯିବ ।

ତୃତୀୟ ଶ୍ରେଣୀ

- ଆମ ବିଦ୍ୟାଳୟ ହାଲଚାଲ
- ଗଳ୍ପ କଥନ (ମନରୁ କହିବା) ନୀତି ଶିକ୍ଷା ଆଧାରିତ
- ନାଚ ଓ ଗୀତ
- ମାଟିରୁ ଜିନିଷ ପ୍ରସ୍ତୁତି
- ଅସମ୍ପୂର୍ଣ୍ଣ ଗଳ୍ପ କୁ ସମ୍ପୂର୍ଣ୍ଣ କରିବା
- ଏକକ ଅଭିନୟ
- ଶାରୀରିକ ବ୍ୟାୟାମ ଓ ଯୋଗ
- ଚିତ୍ର କରି ରଙ୍ଗ ଦେବା
- ସାଧାରଣ ଜ୍ଞାନ ଏବଂ ପିଲାଙ୍କ ସହ ଖୋଲା କଥା - ଆମ ସହର, ଆମ ପରିବେଶ, ଆମ ପର୍ବ ପର୍ବାଣୀ, ଆମ ଶରୀର ଏବଂ ତଦ୍‌ଜନିତ ରୋଗ
- ଖେଳକୁଦ ଯଥା - ଦୌଡ଼ ପ୍ରତିଯୋଗିତା, ପୁଚି, ଡ଼ିଆଁ, ମ୍ୟୁଜିକ୍ ଚେୟାର, ରୁମାଲ୍ ଖେଳ, ଲୁଡୁ ଏବଂ କ୍ୟାରମ୍ - ଏଥିପାଇଁ ଶ୍ରେଣୀ ୱାରୀ ଖେଳ କାର୍ଡ଼ର ବ୍ୟବହାର କରାଯାଇ ପାରିବ । ଏହା ବ୍ୟତୀତ ଶାରୀରିକ ଓ ସ୍ୱାସ୍ଥ୍ୟ ଶିକ୍ଷା ଅନ୍ତର୍ଗତ ସହାୟକ ପୁସ୍ତିକାରେ ଦିଆଯାଇଥିବା ଖେଳର ଅଭ୍ୟାସ କରାଯିବ ।

ଚତୁର୍ଥ ଶ୍ରେଣୀ

- ଶାରୀରୀକ ବ୍ୟାୟାମ ଓ ଯୋଗ
- ନାଚ, ଗୀତ ଓ ପଦ୍ୟାନ୍ତ
- ସାଧାରଣ ଜ୍ଞାନ ଚର୍ଚ୍ଚା
- ଏକକ ଅଭିନୟ
- ନୀତିଶିକ୍ଷା ଆଧାରିତ ଗଳ୍ପ କଥନ
- ସମ୍ବାଦ ପରିବେଷଣ
- ଶିଶୁ ସାମ୍ବାଦିକତା
- ବକ୍ତୃତା ପ୍ରତିଯୋଗିତା
- ଶବ୍ଦ ଖେଳ
- ଓଡ଼ିଶାର ମହାପୁରୁଷମାନଙ୍କ ବିଷୟରେ ଜ୍ଞାନ (ଗୋପବନ୍ଧୁ ଦାଶ, ମଧୁସୂଦନ ଦାସ, ନୀଳକଣ୍ଠ ଦାଶ, ଆଚାର୍ଯ୍ୟ ହରିହର, ଫକୀରମୋହନ ସେନାପତି, ଗୋପବନ୍ଧୁ ଚୌଧୁରୀ, ପଠାଣି ସାମନ୍ତ, ରମାଦେବୀ)
- ପିଲାଙ୍କ ସହ ଖୋଲା କଥା (ସାଧାରଣ ଜ୍ଞାନ) - ଆମ ସେବାକାରୀ, ଆମ ଖାଦ୍ୟ ଶସ୍ୟ, ଆମ ହାଟ, ଆମ ଶରୀର ଓ ରୋଗ
- ଖେଳକୁଦ ଯଥା - ଲମ୍ବା ଡ଼ିଆଁ, ଉଚ୍ଚ ଡ଼ିଆଁ, ୧୦୦ ମିଟର ଦୌଡ଼ ପ୍ରତିଯୋଗିତା, ଗଛିତ ଦୌଡ଼, ମ୍ୟୁଜିକ୍ ଚେୟାର, ଦୌଡ଼ ଡ଼ିଆଁ – ଏଥି ପାଇଁ ଶ୍ରେଣୀ ୱାରୀ ଖେଳ କାର୍ଡ଼ ର ବ୍ୟବହାର କରାଯାଇ ପାରିବ । ଏହା ବ୍ୟତୀତ ଶାରୀରିକ ଓ ସ୍ୱାସ୍ଥ୍ୟ ଶିକ୍ଷା ଅନ୍ତର୍ଗତ ସହାୟକ ପୁସ୍ତିକାରେ ଦିଆଯାଇଥିବା ଖେଳର ଅଭ୍ୟାସ କରାଯିବ ।
- ଗୃହପାଇଁ କାର୍ଯ୍ୟ

(୨)

<u>ପଞ୍ଚମ ଶ୍ରେଣୀ</u>

- ଶାରୀରିକ ବ୍ୟାୟାମ ଓ ଯୋଗ
- ନାଚ, ଗୀତ ଓ ପଦ୍ୟାନ୍ତ
- ସାଧାରଣ ଜ୍ଞାନ ଚର୍ଚ୍ଚା, ବକ୍ତୃତା ଓ କୁଇଜ୍ (ଓଡ଼ିଶା ବିଷୟରେ ଜ୍ଞାନ)
- ପ୍ରକଳ୍ପ କାର୍ଯ୍ୟ
- ଏକକ ଅଭିନୟ
- ସମ୍ବାଦ ପରିବେଷଣ
- ଶିଶୁ ସାମ୍ବାଦିକତା
- ବକ୍ତୃତା ପ୍ରତିଯୋଗିତା
- ଶବ୍ଦ ଖେଳ
- ପଠନ ଏବଂ ଆବୃତ୍ତି
- ବାଗ୍ମୀତା
- ଓଡ଼ିଶାର ମହାପୁରୁଷମାନଙ୍କ ବିଷୟରେ ଜ୍ଞାନ (ଗୋପବନ୍ଧୁ, ମଧୁସୂଦନ ଦାସ, ନୀଳକଣ୍ଠ ଦାଶ, ଆଚାର୍ଯ୍ୟ ହରିହର, ଫକୀରମୋହନ ସେନାପତି, ଗୋପବନ୍ଧୁ ଚୌଧୁରୀ, ପଠାଣି ସାମନ୍ତ, ରମାଦେବୀ)
- ପିଲାଙ୍କ ସହ ଖୋଲା କଥା - ଆମ ବେପାର ବଣିଜ, ଆମ ଆକାଶ, ଗ୍ରହ ଓ ନକ୍ଷତ୍ର, ଆମ ପୋଷ୍ଟ ଅଫିସ୍, ଆମ ଡାକ୍ତର ଖାନା, ଆମ ବ୍ୟାଙ୍କ
- ଖେଳକୁଦ ଯଥା - ଲମ୍ବା ଡ଼ିଆଁ, ଉଚ୍ଚ ଡ଼ିଆଁ, ୧୦୦ ମିଟର ଦୌଡ଼ ପ୍ରତିଯୋଗିତା, ଗଣିତ ଦୌଡ଼, ମ୍ୟୁଜିକ୍ ଚେୟାର, ଦୌଡ଼ ଡ଼ିଆଁ - ଏଥି ପାଇଁ ଶ୍ରେଣୀ ୱାରୀ ଖେଳ କାର୍ଡ଼ ର ବ୍ୟବହାର କରାଯାଇ ପାରିବ । ଏହା ବ୍ୟତୀତ ଶାରୀରିକ ଓ ସ୍ୱାସ୍ଥ୍ୟ ଶିକ୍ଷା ଅନ୍ତର୍ଗତ ସହାୟକ ପୁସ୍ତିକାରେ ଦିଆଯାଇଥିବା ଖେଳର ଅଭ୍ୟାସ କରାଯିବ ।
- ଗୃହ କାର୍ଯ୍ୟ

<u>ଷଷ୍ଠ ଶ୍ରେଣୀ</u>

- ଶାରୀରୀକ ବ୍ୟାୟାମ ଓ ଯୋଗ
- ନାଚ ଓ ଗୀତ (ଦେଶାତ୍ମବୋଧକ ଗୀତ)
- ସାଧାରଣ ଜ୍ଞାନ ଚର୍ଚ୍ଚା
- ଏକକ ଅଭିନୟ
- କମ୍ପ୍ୟୁଟର ଶିକ୍ଷା
- ସମ୍ବାଦ ପରିବେଷଣ
- ଶିଶୁ ସାମ୍ବାଦିକତା
- ବାଗ୍ମୀତା
- ବକ୍ତୃତା ପ୍ରତିଯୋଗିତା, କୁଇଜ୍
- ଶବ୍ଦ ଖେଳ
- ସୃଜନାତ୍ମକ ଲେଖା
- କୌତୁକ ଗଣିତ
- ପେପର କଟିଙ୍ଗ୍

- ସମ୍ବାଦ ପରିବେଷଣ
- ଶିଶୁ ସାମ୍ବାଦିକତା
- ପିଲାଙ୍କ ସହ ଖୋଲା କଥା (ସାଧାରଣ ଜ୍ଞାନ) - ଆମର ଶରୀର ଏବଂ ତଦ୍‌ଜନିତ ରୋଗର ପ୍ରତିଷେଧକ ବ୍ୟବସ୍ଥା, ଆମର ସ୍ୱାଧୀନତା ସଂଗ୍ରାମୀ, ଗ୍ରହ ନକ୍ଷତ୍ର, କୃଷି
- ଓଡ଼ିଶାର ମହାପୁରୁଷମାନଙ୍କ ବିଷୟରେ ଜ୍ଞାନ (ଗୋପବନ୍ଧୁ, ମଧୁସୂଦନ ଦାସ, ନୀଳକଣ୍ଠ ଦାଶ, ଆଚାର୍ଯ୍ୟ ହରିହର, ଫକୀରମୋହନ ସେନାପତି, ଗୋପବନ୍ଧୁ ଚୌଧୁରୀ, ପଠାଣି ସାମନ୍ତ, ରମାଦେବୀ)
- ଖେଳକୁଦ ଯଥା - ଲମ୍ବା ଡ଼ିଆଁ, ଉଚ୍ଚ ଡ଼ିଆଁ, ୨୦୦ ମିଟର ଦୌଡ଼ ପ୍ରତିଯୋଗିତା, ଗଣିତ ଦୌଡ଼, ମ୍ୟୁଜିକ୍ ଚେୟାର, ଦୌଡ଼ ଡ଼ିଆଁ - ଏଥିପାଇଁ ଶ୍ରେଣୀ ୱାରୀ ଖେଳ କାର୍ଡ଼ର ବ୍ୟବହାର କରାଯାଇ ପାରିବ । ଏହା ବ୍ୟତୀତ ଶାରୀରିକ ଓ ସ୍ୱାସ୍ଥ୍ୟ ଶିକ୍ଷା ଅନ୍ତର୍ଗତ ସହାୟକ ପୁସ୍ତିକାରେ ଦିଆଯାଇଥିବା ଖେଳର ଅଭ୍ୟାସ କରାଯିବ ।
- ଗୃହ କାର୍ଯ୍ୟ
- ବିଶେଷ ଦ୍ରଷ୍ଟବ୍ୟ – ବକ୍ତୃତା, ବାଗ୍ମୀତା, ସମ୍ବାଦ ପରିବେଷଣ, ଢ଼ଗ ଢ଼ମାଳିର ବ୍ୟାଖ୍ୟାନ, ଗୀତ ପରି ଅନ୍ୟାନ୍ୟ ପାଠ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯିବା ବେଳେ ଭାଷଣମେଜର ବ୍ୟବହାର କରାଯିବ ।

<u>ସପ୍ତମ ଓ ଅଷ୍ଟମ</u>

- ଶାରୀରିକ ବ୍ୟାୟାମ ଓ ଯୋଗ
- ଚିତ୍ର କଳା ଓ ଝୋଟି
- ସମ୍ବାଦ ପରିବେଷଣ
- ଶିଶୁ ସାମ୍ବାଦିକତା
- ଶବ୍ଦ ଖେଳ
- ଆବୃତ୍ତି ଓ ପଠନ
- କୌତୁକ ଗଣିତ
- ସୃଜନାତ୍ମକ ଲେଖା
- ନାଚ ଓ ଗୀତ
- ସାଧାରଣ ଜ୍ଞାନ ଚର୍ଚ୍ଚା (ବିଭିନ୍ନ ସ୍ଥାନ ଏବଂ ଅଧିବାସୀ, ଓଡ଼ିଶାର ଢ଼ଗ ଢ଼ମାଳୀ)
- ପ୍ରକଳ୍ପ କାର୍ଯ୍ୟ
- ଖେଳକୁଦ ଯଥା - ଲମ୍ବା ଡ଼ିଆଁ, ଉଚ୍ଚ ଡ଼ିଆଁ, ୧୦୦ ମିଟର ଦୌଡ଼ ପ୍ରତିଯୋଗିତା, ଗଣିତ ଦୌଡ଼, ମ୍ୟୁଜିକ୍ ଚେୟାର, ଦୌଡ଼ ଡ଼ିଆଁ - ଏଥିପାଇଁ ଶ୍ରେଣୀ ୱାରୀ ଖେଳ କାର୍ଡ଼ର ବ୍ୟବହାର କରାଯାଇ ପାରିବ । ଏହା ବ୍ୟତୀତ ଶାରୀରିକ ଓ ସ୍ୱାସ୍ଥ୍ୟ ଶିକ୍ଷା ଅନ୍ତର୍ଗତ ସହାୟକ ପୁସ୍ତିକାରେ ଦିଆଯାଇଥିବା ଖେଳର ଅଭ୍ୟାସ କରାଯିବ ।
- ଗୃହ କାର୍ଯ୍ୟ
- ବିଶେଷ ଦ୍ରଷ୍ଟବ୍ୟ – ବକ୍ତୃତା, ବାଗ୍ମୀତା, ସମ୍ବାଦ ପରିବେଷଣ, ଢ଼ଗ ଢ଼ମାଳିର ବ୍ୟାଖ୍ୟାନ, ଗୀତ ପରି ଅନ୍ୟାନ୍ୟ ପାଠ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯିବା ବେଳେ ଭାଷଣମେଜର ବ୍ୟବହାର କରାଯିବ ।
- ଶାରୀରିକ ବ୍ୟାୟାମ ଓ ଯୋଗ
- ସାଧାରଣ ଜ୍ଞାନ ଚର୍ଚ୍ଚା
- ବକ୍ତୃତା ଓ କୁଇଜ୍
- ତତ୍‌କାଳ ଚିନ୍ତିତ ବକ୍ତବ୍ୟ

- ବାଗ୍ମୀତା
- ଢ଼ଗଢ଼ମାଳିର ବ୍ୟାଖାନ ଓ ସଂପ୍ରସାରଣ
- କୌତୁକ ଗଣିତ
- ସୃଜନାତ୍ମକ ଲେଖା
- ପ୍ରକଳ୍ପ କାର୍ଯ୍ୟ
- ଖେଳକୁଦ ଯଥା – କ୍ରିକେଟ, ଫୁଟ୍‌ବଲ୍, କବାଡ଼ି, ଖୋ ଖୋ, ଭଲି ବଲ୍, ବାସ୍କେଟ୍ ବଲ, ଲମ୍ବ ଡ଼ିଆଁ, ଉଚ୍ଚ ଡ଼ିଆଁ, ୨୦୦ ମିଟର ଦୌଡ଼ ପ୍ରତିଯୋଗିତା, ଗଣିତ ଦୌଡ଼, ମ୍ୟୁଜିକ୍ ଚେୟାର, କ୍ୟାରାମ୍
- ଏକକ ଅଭିନୟ
- ସ୍ମୃତି ପରୀକ୍ଷଣ
- କମ୍ପ୍ୟୁଟର ଶିକ୍ଷା
- ଦଳଗତ ଆଲୋଚନା (ଓଡ଼ିଶାର ବିଶିଷ୍ଟ ଲେଖକ ଏବଂ ବୈଜ୍ଞାନିକ, ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ସ୍ୱାଧୀନତା ସଂଗ୍ରାମୀ)
- ବିଶେଷ ଦ୍ରଷ୍ଟବ୍ୟ – ବକ୍ତୃତା, ବାଗ୍ମୀତା, ସମ୍ବାଦ ପରିବେଷଣ, ଢ଼ଗ ଢ଼ମାଳିର ବ୍ୟାଖାନ, ଗୀତ ପରି ଅନ୍ୟାନ୍ୟ ପାଠ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯିବା ବେଳେ ପୋଡ଼ିୟମ୍‌ର ବ୍ୟବହାର କରାଯିବ ।

(ଉପରୋକ୍ତ ପ୍ରସଙ୍ଗ ବ୍ୟତୀତ ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟ ଏଥିରେ ଯୋଡ଼ା ଯାଇପାରେ)

<u>ନବମ ଓ ଦଶମ ଶ୍ରେଣୀ</u>

- ଶାରୀରିକ ବ୍ୟାୟାମ ଓ ଯୋଗ
- ଚିତ୍ର କଳା
- ସମ୍ବାଦ ପରିବେଷଣ
- ଶିଶୁ ସାମ୍ବାଦିକତା
- ଶବ୍ଦ ଖେଳ
- ବ୍ୟଙ୍ଗ କଥା
- ଆବୃତ୍ତି ଓ ପଠନ
- କୌତୁକ ଗଣିତ
- ସୃଜନାତ୍ମକ ଲେଖା
- ନାଚ ଓ ଗୀତ
- ସାଧାରଣ ଜ୍ଞାନ ଚର୍ଚ୍ଚା (ବିଭିନ୍ନ ସ୍ଥାନ ଏବଂ ଅଧିବାସୀ, ଓଡ଼ିଶାର ଢ଼ଗ ଢ଼ମାଳୀ)
- ପ୍ରକଳ୍ପ କାର୍ଯ୍ୟ
- ଖେଳକୁଦ ଯଥା - ଲମ୍ବା ଡ଼ିଆଁ, ଉଚ୍ଚ ଡ଼ିଆଁ, ୧୦୦ ମିଟର ଦୌଡ଼ ପ୍ରତିଯୋଗିତା, ଗଣିତ ଦୌଡ଼, ମ୍ୟୁଜିକ୍ ଚେୟାର, ଦୌଡ଼ ଡ଼ିଆଁ
- ଗୃହ କାର୍ଯ୍ୟ
- ବିଶେଷ ଦ୍ରଷ୍ଟବ୍ୟ – ବକ୍ତୃତା, ବାଗ୍ମୀତା, ସମ୍ବାଦ ପରିବେଷଣ, ଢ଼ଗ ଢ଼ମାଳିର ବ୍ୟାଖାନ, ଗୀତ ପରି ଅନ୍ୟାନ୍ୟ ପାଠ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯିବା ବେଳେ ଭାଷଣମେଜର ବ୍ୟବହାର କରାଯିବ ।
- ଶାରୀରିକ ବ୍ୟାୟାମ ଓ ଯୋଗ
- ସାଧାରଣ ଜ୍ଞାନ ଚର୍ଚ୍ଚା
- ବକ୍ତୃତା ଓ କୁଇଜ୍

- ତତ୍କାଳ ଚିନ୍ତିତ ବକ୍ତବ୍ୟ
- ବାଗ୍ମୀତା
- ଢ଼ଗଢ଼ମାଳିର ବ୍ୟାଖାନ ଓ ସଂପ୍ରସାରଣ
- କୌତୁକ ଗଣିତ
- ସୃଜନାତ୍ମକ ଲେଖା
- ପ୍ରକଳ୍ପ କାର୍ଯ୍ୟ
- ଖେଳକୁଦ ଯଥା – କ୍ରିକେଟ, ଫୁଟ୍‌ବଲ୍, କବାଡ଼ି, ଖୋ ଖୋ, ଭଲି ବଲ୍, ବାସ୍କେଟ୍ ବଲ, ଲମ୍ଫ ଡ଼ିଆଁ, ଉଚ୍ଚ ଡ଼ିଆଁ, ୨୦୦ ମିଟର ଦୌଡ଼ ପ୍ରତିଯୋଗିତା, ଗଣିତ ଦୌଡ଼, ମ୍ୟୁଜିକ୍ ଚେୟାର, କ୍ୟାରମ୍ - ଏଥିପାଇଁ ଶ୍ରେଣୀ ୱାରୀ ଖେଳ କାର୍ଡ଼ର ବ୍ୟବହାର କରାଯାଇ ପାରିବ । ଏହା ବ୍ୟତୀତ ଶାରୀରିକ ଓ ସ୍ୱାସ୍ଥ୍ୟ ଶିକ୍ଷା ଅନ୍ତର୍ଗତ ସହାୟକ ପୁସ୍ତିକାରେ ଦିଆଯାଇଥିବା ଖେଳର ଅଭ୍ୟାସ କରାଯିବ ।
- ଏକକ ଅଭିନୟ
- ସ୍ମୃତି ପରୀକ୍ଷଣ
- କମ୍ପ୍ୟୁଟର ଶିକ୍ଷା
- ଦଳଗତ ଆଲୋଚନା (ଓଡ଼ିଶାର ବିଶିଷ୍ଟ ଲେଖକ ଏବଂ ବୈଜ୍ଞାନିକ, ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ସ୍ୱାଧୀନତା ସଂଗ୍ରାମୀ)
- ବିଶେଷ ଦ୍ରଷ୍ଟବ୍ୟ – ବକ୍ତୃତା, ବାଗ୍ମୀତା, ସମ୍ବାଦ ପରିବେଷଣ, ଢ଼ଗ ଢ଼ମାଳିର ବ୍ୟାଖାନ, ଗୀତ ପରି ଅନ୍ୟାନ୍ୟ ପାଠ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯିବା ବେଳେ ଭାଷଣମେଜର ବ୍ୟବହାର କରାଯିବ ।

(ଉପରୋକ୍ତ ପ୍ରସଙ୍ଗ ବ୍ୟତୀତ ଅନ୍ୟାନ୍ୟ ପ୍ରସଙ୍ଗ ମଧ ଏଥିରେ ଯୋଡ଼ା ଯାଇପାରେ)

## ପ୍ରତ୍ୟେକ ଶ୍ରେଣୀ ପାଇଁ ସାପ୍ତାହିକ ପିରିୟଡ଼୍ ସଂଖ୍ୟା
## (ରାଜ୍ୟ ପାଠ୍ୟକ୍ରମ ଆଧାର-୨୦୦୭ ଅନୁସାରେ)

୧ମ ଏବଂ ୨ୟ ଶ୍ରେଣୀ : ଓପେପା ଦ୍ୱାରା ପ୍ରସ୍ତୁତ "ସମାଧାନ"ର ମାର୍ଗଦର୍ଶିକା ଅନୁସାରେ ସ୍ଥିରୀକୃତ

**୩ୟ, ୪ର୍ଥ, ୫ମ ଶ୍ରେଣୀ ପାଇଁ :**

| ବିଷୟ | ପିରିୟଡ଼୍ ସଂଖ୍ୟା |
|---|---|
| ମାତୃଭାଷା | ୧୧ |
| ୨ୟ ଭାଷା (ଇଂରାଜୀ) | ୦୬ |
| ଗଣିତ | ୦୮ |
| ପରିବେଶ ପାଠ – ୧ (ବିଜ୍ଞାନ)<br>ପରିବେଶ ପାଠ – ୨ (ସାମାଜିକ ବିଜ୍ଞାନ) | ୦୪<br>୦୪ |
| କଳା ଶିକ୍ଷା | ୦୨ |
| କାର୍ଯ୍ୟ ଶିକ୍ଷା | ୦୧ |
| ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷା | ୦୩ |
| ଲାଇବ୍ରେରୀ | ୦୧ |
| ଶନିବାର ପ୍ରତିଯୋଗିତା ପିରିୟଡ଼୍ | ୦୨ |
| **ସମୁଦାୟ ପିରିୟଡ଼୍ ସଂଖ୍ୟା** | ୪୨ |

୬ଷ୍ଠ, ୭ମ ଓ ୮ମ ଶ୍ରେଣୀ ପାଇଁ:

| ବିଷୟ | ପିରିୟଡ଼୍ ସଂଖ୍ୟା |
|---|---|
| ମାତୃଭାଷା | ୦୬ |
| ୨ୟ ଭାଷା (ଇଂରାଜୀ) | ୦୬ |
| ତୃତୀୟ ଭାଷା (ହିନ୍ଦୀ / ସଂସ୍କୃତ) | ୦୨ |
| ଗଣିତ | ୦୮ |
| ବିଜ୍ଞାନ | ୦୬ |
| ଇତିହାସ ଓ ରାଜନୀତି ବିଜ୍ଞାନ | ୦୩ |
| ଭୂଗୋଳ | ୦୩ |
| କଳା ଶିକ୍ଷା | ୦୧ |
| କାର୍ଯ୍ୟ ଶିକ୍ଷା | ୦୧ |
| ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷା | ୦୩ |
| ଲାଇବ୍ରେରୀ | ୦୧ |
| ଶନିବାର ପ୍ରତିଯୋଗିତା ପିରିୟଡ଼୍ | ୦୨ |
| ସମୁଦାୟ ପିରିୟଡ଼୍ ସଂଖ୍ୟା | ୪୨ |

୯ମ ଓ ୧୦ମ ଶ୍ରେଣୀ ପାଇଁ:

| ବିଷୟ | ପିରିୟଡ଼୍ ସଂଖ୍ୟା |
|---|---|
| ମାତୃଭାଷା | ୦୬ |
| ୨ୟ ଭାଷା (ଇଂରାଜୀ) | ୦୬ |
| ତୃତୀୟ ଭାଷା (ହିନ୍ଦୀ / ସଂସ୍କୃତ) | ୦୪ |
| ଗଣିତ (ବୀଜ ଗଣିତ ଏବଂ ଜ୍ୟାମିତି) | ୦୬ |
| ବିଜ୍ଞାନ (ପଦାର୍ଥ ବିଜ୍ଞାନ ଏବଂ ଜୀବ ବିଜ୍ଞାନ) | ୦୬ |
| ଇତିହାସ ଓ ରାଜନୀତି ବିଜ୍ଞାନ | ୦୩ |
| ଭୂଗୋଳ ଓ ଅର୍ଥନୀତି | ୦୩ |
| କଳା ଶିକ୍ଷା | ୦୨ |
| କାର୍ଯ୍ୟ ଶିକ୍ଷା | ୦୨ |
| ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷା | ୦୩ |
| ଲାଇବ୍ରେରୀ ଓ ପ୍ରତିଯୋଗୀତା | ୦୧ |
| ସମୁଦାୟ ପିରିୟଡ଼୍ ସଂଖ୍ୟା | ୪୨ |

# ବିଭିନ୍ନ ପାଠ୍ୟ ବିଷୟର ଶିକ୍ଷଣ ଏବଂ ମୂଲ୍ୟାୟନ ପାଇଁ ପ୍ରସ୍ତାବିତ ପ୍ରାଧାନ୍ୟତା (ଶତକଡ଼ାରେ)

| କ୍ରମିକ ସଂଖ୍ୟା | ବିଷୟ | ୧ମ ଏବଂ ୨ୟ ଶ୍ରେଣୀ | ୩ୟ / ୪ର୍ଥ / ୫ମ ଶ୍ରେଣୀ | ୬ଷ୍ଠ/ ୭ମ / ୮ମ ଶ୍ରେଣୀ | ୯ମ / ୧୦ମ ଶ୍ରେଣୀ |
|---|---|---|---|---|---|
| ୧. | ମାତୃଭାଷା | ୪୦ | ୨୫ | ୧୫ | ୧୫ |
| ୨. | ୨ୟ ଭାଷା - ଇଂରାଜୀ | - | ୧୫ | ୧୫ | ୧୫ |
| ୩. | ୩ୟ ଭାଷା (ହିନ୍ଦୀ / ସଂସ୍କୃତ) | - | - | ୫ | ୧୦ |
| ୪. | ଗଣିତ | ୩୦ | ୨୦ | ୨୦ | ୧୫ |
| ୫. | ପରିବେଶ ପାଠ | ୧୦ | - | - | - |
| ୬. | ପରିବେଶ ପାଠ - ୧ (ବିଜ୍ଞାନ) | - | ୧୦ | ୧୫ | ୧୫ |
| ୭. | ପରିବେଶ ପାଠ – ୨ (ସାମାଜିକ ବିଜ୍ଞାନ) | - | ୧୦ | - | - |
| ୮. | ପରିବେଶ ପାଠ – ୨.୧ (ଇତିହାସ ଓ ରାଜନୀତି ବିଜ୍ଞାନ) | - | - | ୭.୫ | ୭.୫ |
| ୯. | ପରିବେଶ ପାଠ – ୨.୨ (ଭୂଗୋଳ ଓ ଅର୍ଥନୀତି) | - | - | ୭.୫ | ୭.୫ |
| ୧୦. | କଳା ଶିକ୍ଷା | ୫ | ୫ | ୪ | ୪ |
| ୧୧. | କାର୍ଯ୍ୟ ଶିକ୍ଷା | ୫ | ୫ | ୪ | ୪ |
| ୧୨. | ସ୍ୱାସ୍ଥ୍ୟ ଏବଂ ଶାରୀରିକ ଶିକ୍ଷା | ୫ | ୫ | ୪ | ୪ |
| ୧୩. | ଶାନ୍ତି ଶିକ୍ଷା | ୫ | ୫ | ୩ | ୩ |
| | ସମୁଦାୟ | ୧୦୦ | ୧୦୦ | ୧୦୦ | ୧୦୦ |

**ବିଶେଷ ଦ୍ରଷ୍ଟବ୍ୟ :** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ଅନୁମୋଦିତ ନିୟମ ଅନୁସାରେ ପ୍ରତ୍ୟେକ ଶ୍ରେଣୀ ପାଇଁ ପ୍ରତ୍ୟେକ ସପ୍ତାହର ୩ଟି ଲେଖାଏଁ ପିରିୟଡ଼୍ ସ୍ୱାସ୍ଥ୍ୟ ଏବଂ ଶାରୀରିକ ଶିକ୍ଷା ନିମନ୍ତେ କାର୍ଯ୍ୟ ନିର୍ଘଣ୍ଟରେ ସ୍ଥାନ ପାଇବ । ଏଥିନିମନ୍ତେ କାର୍ଯ୍ୟ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷା ର ପ୍ରସ୍ତାବିତ ସିଲାବସ୍ ପ୍ରାଧାନ୍ୟତାରେ ପିରିୟଡ଼୍ ର ପୁନର୍ବିନ୍ୟାସ କରାଯାଇଛି ।

# ସହ ପାଠ୍ୟକ୍ରମ ପାଇଁ କାର୍ଯ୍ୟ ନିର୍ଘଣ୍ଟ

ପ୍ରତ୍ୟେକ ବିଦ୍ୟାଳୟ ରାଜ୍ୟ ପାଠ୍ୟକ୍ରମ ଅଧାର ୨୦୦୭ ଅନୁଯାୟୀ ପ୍ରସ୍ତାବିତ ପିରିୟଡ଼୍ ଅନୁସାରେ ପ୍ରତ୍ୟେକ ଶ୍ରେଣୀ ପାଇଁ କାର୍ଯ୍ୟ ନିର୍ଘଣ୍ଟ ପ୍ରସ୍ତୁତ କରିବେ । ରାଜ୍ୟର ସମସ୍ତ ବିଦ୍ୟାଳୟରେ ସହପାଠ୍ୟକ୍ରମରେ ସମାନତା ଆଣିବା ପାଇଁ ଯେତେଦୂର ସମ୍ଭବ ଦିବସ ଅନୁଯାୟୀ ପ୍ରସ୍ତାବିତ ସହପାଠ୍ୟ କାର୍ଯ୍ୟକ୍ରମ ଗୁଡ଼ିକ କାର୍ଯ୍ୟକାରୀ କରାଯିବ । ରାଜ୍ୟ ସରକାରଙ୍କର ନିୟମ ଅନୁସାରେ ଯେଉଁ ବିଦ୍ୟାଳୟ ମାନଙ୍କରେ ଶାରୀରିକ ଶିକ୍ଷା ଶିକ୍ଷକ ଅଛନ୍ତି ସେମାନେ ସ୍ୱାସ୍ଥ୍ୟ ଏବଂ ଶାରୀରିକ ଶିକ୍ଷା ପିରିୟଡ଼୍ ନେବେ । ଯେଉଁ ବିଦ୍ୟାଳୟରେ ଶାରୀରିକ ଶିକ୍ଷା ଶିକ୍ଷକ (ପି.ଇ.ଟି) ନାହାଁନ୍ତି ସେଠାରେ ସେହି ବିଦ୍ୟାଳୟର କୌଣସି ଜଣେ ଶିକ୍ଷକଙ୍କୁ ଉକ୍ତ ଦାୟିତ୍ୱ ତୁଲାଇବାକୁ ଦିଆଯିବ । କୌଣସି ପରିସ୍ଥିତିରେ ନିର୍ଦ୍ଦିଷ୍ଟ ବିଷୟ ପାଇଁ ପ୍ରସ୍ତାବିତ ପିରିୟଡ଼୍ ସଂଖ୍ୟା କମାଯାଇ ପାରିବ ନାହିଁ । ଯଦି ଆଖପାଖରେ କୌଣସି ଉଚ୍ଚ ବିଦ୍ୟାଳୟ ଥାଏ ଏବଂ ସେହି ବିଦ୍ୟାଳୟରେ କ୍ରୀଡ଼ା ଶିକ୍ଷକ ଥାଆନ୍ତି, ସେମାନଙ୍କର ସାହାଯ୍ୟ ମଧ ନିଆଯାଇ ପାରିବ ।

(15)

<u>ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ</u>

ପ୍ରଥମ ଏବଂ ଦ୍ୱିତୀୟ ଶ୍ରେଣୀପାଇଁ ନିର୍ଦ୍ଦିଷ୍ଟ ଭାବେ କାର୍ଯ୍ୟ ନିର୍ଘଣ୍ଟ ପ୍ରସ୍ତୁତ କରାଯିବ ନାହିଁ । ବିଦ୍ୟାଳୟରେ ଶିକ୍ଷକ / ଶିକ୍ଷୟିତ୍ରୀମାନେ ସମାଧାନରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁସାରେ ପାଠ୍ୟକ୍ରମରେ ଥିବା ବିଷୟ ସହିତ ଅନ୍ୟାନ୍ୟ ପାଠ୍ୟକାର୍ଯ୍ୟକ୍ରମର ଅଭ୍ୟାସ ଛାତ୍ରଛାତ୍ରୀମାନଙ୍କୁ କରାଇବେ । ସପ୍ତାହର ପ୍ରତ୍ୟେକ ଶନିବାର **"ସହଜ"** ଉପରେ ଗୁରୁତ୍ୱ ଦେବା ସହ ଶେଷ ଦୁଇ ପିରିୟଡ଼୍‌ରେ ଅନ୍ୟାନ୍ୟ ପାଠ୍ୟକାର୍ଯ୍ୟକ୍ରମର ପ୍ରତିଯୋଗିତା କରାଯିବ ।

## ଶ୍ରେଣୀ: ତୃତୀୟ

### ସହପାଠ୍ୟ କାର୍ଯ୍ୟକ୍ରମର ଆବଣ୍ଟନ

| ଦିବସ | କାର୍ଯ୍ୟକ୍ରମ |
|---|---|
| ସୋମବାର | ଗଳ୍ପ କଥନ (ନୀତି ଶିକ୍ଷା ଆଧାରିତ) / ଶାରୀରିକ ବ୍ୟାୟାମ ଓ ଯୋଗ |
| ମଙ୍ଗଳବାର | ଦଳଗତ ଆଲୋଚନା |
| ବୁଧବାର | ନାଚ ଏବଂ ଗୀତ / ମାଟି ତିଆରି ଜିନିଷ |
| ଗୁରୁବାର | ଅସଂପୂର୍ଣ୍ଣ ଗଳ୍ପକୁ ସଂପୂର୍ଣ୍ଣ କରିବା |
| ଶୁକ୍ରବାର | ଚିତ୍ରାଙ୍କନ, ଝୋଟି କରିବା ଓ ରଙ୍ଗ ଦେବା |

## ଶ୍ରେଣୀ : ଚତୁର୍ଥ

### ସହପାଠ୍ୟ କାର୍ଯ୍ୟକ୍ରମର ଆବଣ୍ଟନ

| ଦିବସ | କାର୍ଯ୍ୟକ୍ରମ |
|---|---|
| ସୋମବାର | ନାଚ ଏବଂ ଗୀତ / ଏକକ ଅଭିନୟ |
| ମଙ୍ଗଳବାର | ପ୍ରକଳ୍ପ କାର୍ଯ୍ୟ / ଦଳଗତ ଆଲୋଚନା |
| ବୁଧବାର | ସମ୍ବାଦ ପଠନ / ଶିଶୁ ସାମ୍ବାଦିକତା |
| ଗୁରୁବାର | ପଠନ / ଆବୃତ୍ତି |
| ଶୁକ୍ରବାର | ତର୍କ / କୁଇଜ୍ / ଶବ୍ଦ ଖେଳ |

## ଶ୍ରେଣୀ : ପଞ୍ଚମ

### ସହପାଠ୍ୟ କାର୍ଯ୍ୟକ୍ରମର ଆବଣ୍ଟନ

| ଦିବସ | କାର୍ଯ୍ୟକ୍ରମ |
|---|---|
| ସୋମବାର | ଶାରୀରିକ ବ୍ୟାୟମ ଓ ଯୋଗ |
| ମଙ୍ଗଳବାର | ନାଚ ଗୀତ / ଦଳଗତ ଆଲୋଚନା |
| ବୁଧବାର | ସାଧାରଣ ଜ୍ଞାନ / ଭାଷଣ / କୁଇଜ୍ / ବାଗ୍ମୀତା (ଓଡ଼ିଶା ସମ୍ବନ୍ଧୀୟ) |
| ଗୁରୁବାର | ପ୍ରକଳ୍ପ କାର୍ଯ୍ୟ / ପଠନ ଏବଂ ଆବୃତ୍ତି / ତର୍କ |
| ଶୁକ୍ରବାର | ସମ୍ବାଦ ପଠନ / ଶିଶୁ ସାମ୍ବାଦିକତା / ଶବ୍ଦ ଖେଳ |

## ଶ୍ରେଣୀ : ଷଷ୍ଠ

# ସହପାଠ୍ୟ କାର୍ଯ୍ୟକ୍ରମର ଆବଣ୍ଟନ

| ଦିବସ | କାର୍ଯ୍ୟକ୍ରମ |
|---|---|
| ସୋମବାର | ଶାରୀରିକ ବ୍ୟାୟାମ / ଯୋଗ / କଳା ଓ ଚିତ୍ରାଙ୍କନ / କୁଇଜ୍ / ତର୍କ / ବାଗ୍ମୀତା / ଶବ୍ଦ ଖେଳ |
| ମଙ୍ଗଳବାର | ଦେଶାତ୍ମବୋଧକ ଗୀତ ଏବଂ ନାଚ / ଏକକ ଅଭିନୟ / ସାଧାରଣ ଜ୍ଞାନ |
| ଗୁରୁବାର | ଦଳଗତ ଆଲୋଚନା / ପ୍ରକଳ୍ପ କାର୍ଯ୍ୟ / କମ୍ପ୍ୟୁଟର ଶିକ୍ଷା |
| ଶୁକ୍ରବାର | ଶିଶୁ ସାମ୍ବାଦିକତା / ସୃଜନାତ୍ମକ ଲେଖା / ପଠନ ଏବଂ ଆବୃତ୍ତି |

# ଶ୍ରେଣୀ : ସପ୍ତମ ସହପାଠ୍ୟ କାର୍ଯ୍ୟକ୍ରମର ଆବଣ୍ଟନ

| ଦିବସ | କାର୍ଯ୍ୟକ୍ରମ |
|---|---|
| ସୋମବାର | ଶାରୀରିକ ବ୍ୟାୟାମ / ଯୋଗ / ତତ୍କାଳ ଚିନ୍ତନ ଭାଷଣ /ସାଧାରଣ ଜ୍ଞାନ |
| ବୁଧବାର | ପ୍ରକଳ୍ପ କାର୍ଯ୍ୟ / କମ୍ପ୍ୟୁଟର ଶିକ୍ଷା / ସୃଜନାତ୍ମକ ଲେଖା |
| ଗୁରୁବାର | ନାଚ ଏବଂ ଗୀତ / ଏକକ ଅଭିନୟ / ସମ୍ବାଦ ପଠନ / ଶିଶୁ ସାମ୍ବାଦିକତା/ ପଠନ ଏବଂ ଆବୃତ୍ତି |
| ଶୁକ୍ରବାର | କୌତୁକ ଗଣିତ / କୁଇଜ୍ / ତର୍କ / ଶବ୍ଦ ଖେଳ / ସ୍ମୃତି ଶିକ୍ଷା |

## ଶ୍ରେଣୀ : ଅଷ୍ଟମ

# ସହପାଠ୍ୟ କାର୍ଯ୍ୟକ୍ରମର ଆବଣ୍ଟନ

| ଦିବସ | କାର୍ଯ୍ୟକ୍ରମ |
|---|---|
| ସୋମବାର | ଶାରୀରିକ ବ୍ୟାୟାମ / ଯୋଗ / ତତ୍କାଳ ଚିନ୍ତନ ଭାଷଣ /ସାଧାରଣ ଜ୍ଞାନ |
| ମଙ୍ଗଳବାର | ପ୍ରକଳ୍ପ କାର୍ଯ୍ୟ / କମ୍ପୁଟର ଶିକ୍ଷା / ସୃଜନାତ୍ମକ ଲେଖା / ଦଳଗତ ଆଲୋଚନା |
| ଗୁରୁବାର | ନାଚ ଏବଂ ଗୀତ / କଳା ଏବଂ ଚିତ୍ରାଙ୍କନ / ଏକକ ଅଭିନୟ / ସମ୍ବାଦ ପଠନ / ଶିଶୁ ସାମ୍ବାଦିକତା/ ପଠନ ଏବଂ ଆବୃତ୍ତି / ବାଗ୍ମୀତା |
| ଶୁକ୍ରବାର | କୌତୁକ ଗଣିତ / କୁଇଜ୍ / ତର୍କ / ଶବ୍ଦ ଖେଳ / ସ୍ମୃତି ପରୀକ୍ଷା |

## ଶ୍ରେଣୀ : ନବମ

# ସହପାଠ୍ୟ କାର୍ଯ୍ୟକ୍ରମର ଆବଣ୍ଟନ

| ଦିବସ | କାର୍ଯ୍ୟକ୍ରମ |
|---|---|
| ସୋମବାର | ଶାରୀରିକ ବ୍ୟାୟାମ / ଯୋଗ / ବାଗ୍ମୀତା /ସାଧାରଣ ଜ୍ଞାନ / ନାଚ ଏବଂ ଗୀତ / କଳା ଓ ଚିତ୍ରାଙ୍କନ |
| ବୁଧବାର | ପ୍ରକଳ୍ପ କାର୍ଯ୍ୟ / କମ୍ପ୍ୟୁଟର ଶିକ୍ଷା / ସୃଜନାତ୍ମକ ଲେଖା / ଦଳଗତ ଆଲୋଚନା / ସମ୍ବାଦ ପଠନ / ଶିଶୁ ସାମ୍ବାଦିକତା / ଏକକ ଅଭିନୟ |
| ଶୁକ୍ରବାର | ମାନସାଙ୍କ / କୁଇଜ୍ / ତର୍କ / ଶବ୍ଦଖେଳ / ସ୍ମୃତି ପରୀକ୍ଷା / ପଠନ ଏବଂ ଆବୃତ୍ତି / ବାଗ୍ମୀତା/ବ୍ୟଙ୍ଗ କଥା |

## ଶ୍ରେଣୀ : ଦଶମ

# ସହପାଠ୍ୟ କାର୍ଯ୍ୟକ୍ରମର ଆବଣ୍ଟନ

| ଦିବସ | କାର୍ଯ୍ୟକ୍ରମ |
|---|---|
| ସୋମବାର | ଶାରୀରିକ ବ୍ୟାୟାମ / ଯୋଗ / ବାଗ୍ମୀତା /ସାଧାରଣ ଜ୍ଞାନ / ନାଚ ଏବଂ ଗୀତ / କଳା ଓ ଚିତ୍ରାଙ୍କନ |
| ମଙ୍ଗଳବାର | ପ୍ରକଳ୍ପ କାର୍ଯ୍ୟ / କମ୍ପ୍ୟୁଟର ଶିକ୍ଷା / ସୃଜନାତ୍ମକ ଲେଖା / ଦଳଗତ ଆଲୋଚନା / ସମ୍ବାଦ ପଠନ / ଶିଶୁ ସାମ୍ବାଦିକତା / ଏକକ ଅଭିନୟ |
| ଶୁକ୍ରବାର | ମାନସାଙ୍କ / କୁଇଜ୍ / ତର୍କ / ଶବ୍ଦଖେଳ / ସ୍ମୃତି ପରୀକ୍ଷା / ପଠନ ଏବଂ ଆବୃତ୍ତି / ବାଗ୍ମୀତା/ବ୍ୟଙ୍ଗ କଥା |

**ବିଶେଷ ଦ୍ରଷ୍ଟବ୍ୟ :** ଶିକ୍ଷକମାନେ ବିଭିନ୍ନ ସହପାଠ୍ୟ କାର୍ଯ୍ୟକ୍ରମର ପ୍ରତିଯୋଗିତା ପ୍ରତ୍ୟେକ ଶନିବାରର ଶେଷ ଦୁଇପିରିୟଡ଼୍‌ରେ ଆୟୋଜନ କରିବେ । ଯେଉଁ କାର୍ଯ୍ୟକ୍ରମ ଗୁଡ଼ିକ ପ୍ରଥମ ସପ୍ତାହରେ ସଂପୂର୍ଣ୍ଣ ହୋଇ ନ ଥିବ ପରବର୍ତ୍ତୀ ସପ୍ତାହରେ ପର୍ଯ୍ୟାୟ କ୍ରମେ ସେଗୁଡ଼ିକ ଆୟୋଜନ କରାଯିବ ।

# ପାଳନୀୟ ଦିବସ - ଆମେ କିପରି ପାଳନ କରିବା

ରାଜ୍ୟ ତରଫରୁ ପ୍ରସ୍ତୁତ କରାଯାଇଥିବା ଶୈକ୍ଷିକ କ୍ୟାଲେଣ୍ଡରରେ ବିଭିନ୍ନ ପାଳନୀୟ ଦିବସଗୁଡ଼ିକର ତାଲିକା ଦିଆଯାଇଛି ।

| କାର୍ଯ୍ୟକ୍ରମର ଆୟୋଜନ |
|---|
| ▪ ଦିବସର ବିଶେଷତ୍ୱ, ଦିବସର ବାର୍ତ୍ତା ଓ ଅନୁଚିନ୍ତା |
| ▪ ପ୍ରାର୍ଥନା ସଭାରେ ସୂଚନା ପ୍ରଦାନ |
| ▪ ବିଦ୍ୟାଳୟ ସଭା |
| ▪ ଆଲୋଚନା |
| ▪ ପ୍ଲାକାର୍ଡ ପ୍ରସ୍ତୁତି ଓ ଗ୍ରାମ / ସହର ପରିକ୍ରମା (ଇଚ୍ଛାଧୀନ) |
| ▪ ସ୍ଲୋଗାନ୍ ପ୍ରସ୍ତୁତି ପ୍ରତିଯୋଗିତା |
| ▪ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା |
| ▪ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ତଥ୍ୟଗତ ସୂଚନା |
| ▪ ପୋଷ୍ଟର, ଚିତ୍ରାଙ୍କନ ପ୍ରତିଯୋଗିତା |
| ▪ ଏକକ ଅଭିନୟ |
| ▪ ଫଟୋଚିତ୍ର ସଂଗ୍ରହ ଓ ପ୍ରସ୍ତୁତି |

# ଛାତ୍ରଛାତ୍ରୀମାନଙ୍କର ମୂଲ୍ୟାୟନର କାର୍ଯ୍ୟକ୍ରମ

ଛାତ୍ରଛାତ୍ରୀମାନଙ୍କର ପ୍ରଦର୍ଶନ ର ମୂଲ୍ୟାୟନ ନିରନ୍ତର ଏବଂ ସାମଗ୍ରିକ ମୂଲ୍ୟାୟନ ଆଧାରରେ କରାଯିବ । ଗଠନ ମୂଳକ ମୂଲ୍ୟାୟନ-୧ ଏବଂ ଗଠନ ମୂଳକ ମୂଲ୍ୟାୟନ-୨ ପରେ ସମାପ୍ତି ସୂଚକ ମୂଲ୍ୟାୟନ-୧ କରାଯିବ ଏବଂ ସମାପ୍ତି ସୂଚକ ମୂଲ୍ୟାୟନ-୨ ପୂର୍ବରୁ ଗଠନ ମୂଳକ ମୂଲ୍ୟାୟନ-୩ ଏବଂ ୪ ଦ୍ୱାରା ପିଲାମାନଙ୍କର ପ୍ରଦର୍ଶନର ଆକଳନ କରାଯିବ । ଛାତ୍ରଛାତ୍ରୀମାନେ ନିଜର ପରୀକ୍ଷାଖାତାରେ ଏକକ ପରୀକ୍ଷା ଦେବେ । ପ୍ରତ୍ୟେକ ବିଷୟ ପାଇଁ ସ୍ୱତନ୍ତ୍ର ଖାତାର ବ୍ୟବହାର କରିବାକୁ ଶିକ୍ଷକମାନେ ପିଲାମାନଙ୍କୁ ଜଣାଇବେ । ମୂଲ୍ୟାୟନ ନିମନ୍ତେ ପ୍ରସ୍ତୁତ ପ୍ରଗତିପତ୍ର ପିତାମାତାଙ୍କର ଗୋଚରାର୍ଥେ ଏବଂ ଦସ୍ତଖତ ପାଇଁ ପଠାଯିବ । ଯେଉଁପିଲାମାନଙ୍କର ପରୀକ୍ଷାର ଫଳାଫଳ ସାଧାରଣ ସ୍ତରର ନିମ୍ନରେ ରହିବ ସେମାନଙ୍କ ପାଇଁ ବିକଳ୍ପ ଶିକ୍ଷାଦାନର ବ୍ୟବସ୍ଥା କରାଯିବ ।

# ଛାତ୍ରଛାତ୍ରୀଙ୍କର ମୂଲ୍ୟାୟନ ମାପକ

ପ୍ରଥମ ଏବଂ ଦ୍ୱିତୀୟ ଶ୍ରେଣୀ ପିଲାମାନଙ୍କର ମୂଲ୍ୟାୟନ ମୌଖିକ ଭାବରେ କରାଯିବ ଏବଂ ଏହାର ଫଳାଫଳ ଲିପିବଦ୍ଧ କରାଯାଇ ପ୍ରଗତି ପତ୍ରରେ ପ୍ରଦର୍ଶିତ ହେବ । ୧ମ ରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ମୂଲ୍ୟାୟନ ନିରନ୍ତର ଏବଂ ସାମଗ୍ରିକ ମୂଲ୍ୟାୟନ ପଦ୍ଧତିରେ ହେବ । ବିଭିନ୍ନ ମୂଲ୍ୟାୟନ ପାଇଁ ପ୍ରଶ୍ନାବଳୀ ଉଭୟ ରଚନାତ୍ମକ ଏବଂ କ୍ଷୁଦ୍ର ଉତ୍ତର ବିଶିଷ୍ଟ ହେବ । ଛାତ୍ରଛାତ୍ରୀମାନଙ୍କର ପୂର୍ବ ପରୀକ୍ଷାର ଫଳାଫଳକୁ ଭିତ୍ତିକରି କ୍ଲିଷ୍ଟତାର ସ୍ତର ପରିବର୍ତ୍ତନ କରାଯିବ । ନବମ ଏବଂ ଦଶମ ଶ୍ରେଣୀ ନିମନ୍ତେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରଣୀତ ମୂଲ୍ୟାୟନ ପଦ୍ଧତି ନିର୍ଦ୍ଧାରଣ କରାଯିବ ।

# ଶିକ୍ଷକମାନଙ୍କ ପାଇଁ ମାସିକ କାର୍ଯ୍ୟାବଳୀ

| ମାସ | କାର୍ଯ୍ୟକ୍ରମ |
|---|---|
| ଏପ୍ରିଲ୍ | ଛାତ୍ରଛାତ୍ରୀମାନଙ୍କର ନାମ ଲେଖା, ନୂତନ ଛାତ୍ରଛାତ୍ରୀଙ୍କର ସ୍ୱାଗତ, ଶିକ୍ଷକ ମାନଙ୍କ ଭିତରେ ଶ୍ରେଣୀ ବଣ୍ଟନ, ପ୍ରଗତି ପତ୍ର ପ୍ରସ୍ତୁତିର ଯୋଜନା, ସ୍କାଉଟ୍, ଗାଇଡ୍, ଏନ୍.ସି.ସି, ଜୁନିୟର ରେଡ୍‌କ୍ରସ୍ ଏବଂ ଅନ୍ୟାନ୍ୟ ରେକର୍ଡ, ଶିକ୍ଷଣ ସାମଗ୍ରୀର ପ୍ରସ୍ତୁତି, ବିଭିନ୍ନ ପ୍ରତିଯୋଗୀତା ପାଇଁ ହାଉସ୍ ଗଠନ, ମନିଟର ଚୟନ, ଗୃହ ମୁଖ୍ୟ ଚୟନ, ସ୍କୁଲ୍ ମନ୍ତ୍ରୀମଣ୍ଡଳର ଗଠନ, ପୂର୍ବ ଜ୍ଞାନ ଏବଂ ଛାତ୍ରଛାତ୍ରୀମାନଙ୍କର କୃତିତ୍ୱର ପୁନରାଲୋଚନା, ବିକଳ୍ପ ଶିକ୍ଷାଦାନର ଯୋଜନା, ବର୍ଷ ମଧ୍ୟରେ ବିଭିନ୍ନ ପରୀକ୍ଷା ସମ୍ବନ୍ଧୀୟ ଯୋଜନା, ପିତାମାତା ଏବଂ ଶିକ୍ଷକଙ୍କର ବୈଠକ, ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟ ପାଇଁ ବିଦ୍ୟାଳୟ ପରିଚାଳନା କମିଟିର ବୈଠକ, ବିଦ୍ୟାଳୟର ବିବରଣୀ ପ୍ରସ୍ତୁତି, ଛାତ୍ରଛାତ୍ରୀଙ୍କର ବିବରଣୀର ପରିଚାଳନା, ସମ୍ପୂର୍ଣ୍ଣ ବର୍ଷ ପାଇଁ ବିଦ୍ୟାଳୟ ଉନ୍ନତି ଯୋଜନା, ଅବକାଶ ସମୟରେ ଗୃହ କାର୍ଯ୍ୟ, ପାଠ୍ୟ ପୁସ୍ତକ ଏବଂ ବିଦ୍ୟାଳୟ ପୋଷାକ ବଣ୍ଟନ, ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟାଙ୍କ ଆକାଉଣ୍ଟ ଖୋଲାଯିବା, ବାଳିକା ମାନଙ୍କ ପାଇଁ ପ୍ରୋତ୍ସାହନର ଯୋଜନା । |
| ମଇ | ଶିକ୍ଷଣ ଖସଡ଼ା ଏବଂ ବିକଳ୍ପ ଶିକ୍ଷାଦାନ କାର୍ଯ୍ୟକ୍ରମ ସାମଗ୍ରୀର ପ୍ରସ୍ତୁତି, ସ୍ୱାସ୍ଥ୍ୟକାର୍ଡର ପ୍ରସ୍ତୁତି, ପ୍ରଶ୍ନ ବ୍ୟାଙ୍କ ଏବଂ ପ୍ରଗତି ପତ୍ରର ପ୍ରସ୍ତୁତି, ଶିକ୍ଷକମାନଙ୍କ ପାଇଁ ଶିକ୍ଷଣ । |
| ଜୁନ୍ | ବିଶ୍ୱପରିବେଶ ଦିବସ ପାଳନ (ଜୁନ୍ ୫), ପିତୃ ଦିବସ, (ଜୁନ୍-୮), ବିଶ୍ୱ ରକ୍ତ ଦାନ ଦିବସ (ଜୁନ୍-୧୪), ଶିଶୁ ଶ୍ରମିକ ବିରୋଧ ଦିବସ (ଜୁନ୍-୧୨), ଆନ୍ତର୍ଜାତିକ ନିଶା ନିବାରଣ ଦିବସ (ଜୁନ୍-୨୬), ଶିକ୍ଷକ ବୈଠକରେ ମାଟ୍ରିକ ପରୀକ୍ଷା ଫଳାଫଳାର ବିଶ୍ଳେଷଣ (ପ୍ରତ୍ୟେକ ବିଷୟର) ଏବଂ ତଦନୁଯାୟୀ ପରବର୍ତ୍ତୀ ମାର୍ଗ ନିର୍ଦ୍ଧାରଣ, ପାଠ୍ୟ ପୁସ୍ତକ ବଣ୍ଟନର ବିଶ୍ଳେଷଣ ଏବଂ ଆବଶ୍ୟକତା, ଲାଇବ୍ରେରୀ ବହି ବଣ୍ଟନ, ଦଶମ ଶ୍ରେଣୀ ପାଇଁ ପ୍ରଥମ ଏକକ ପରୀକ୍ଷଣ, ପିତାମାତା ଶିକ୍ଷକ ବୈଠକ, ମାତୃ ବୈଠକ, ବିଦ୍ୟାଳୟ ପରିଚାଳନା କମିଟି ଏବଂ ଶିକ୍ଷକମାନଙ୍କର ବୈଠକ, ଅନ୍‌ଲାଇନ୍ ମାଧ୍ୟମରେ **"INSPIRE" ପାଇଁ ପ୍ରସ୍ତାବ, ବାଇ ସାଇକେଲ୍ ଯୋଜନା ଅନ୍ତର୍ଗତ ଅର୍ଥର ବିତରଣ ।** |
| ଜୁଲାଇ | ବନମହୋତ୍ସବ (୧ ଜାନୁୟାରୀ), ବିଦ୍ୟାଳୟ ଏବଂ ସ୍ଥାନୀୟ ଅଞ୍ଚଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ବିଶ୍ୱ ଜନସଂଖ୍ୟା ଦିବସ (ଜୁଲାଇ ୧୧), ନବମ ଶ୍ରେଣୀ ପାଇଁ ପ୍ରଥମ ଏକକ ପରୀକ୍ଷଣ, ଦଶମ ଶ୍ରେଣୀ ପାଇଁ ଦ୍ୱିତୀୟ ଏକକ ପରୀକ୍ଷଣ, ପିତାମାତା ଶିକ୍ଷକ ବୈଠକ, ମାତୃ ବୈଠକ, ବିଦ୍ୟାଳୟ ପରିଚାଳନା କମିଟି ଏବଂ ଶିକ୍ଷକମାନଙ୍କର ବୈଠକ, ବୃତ୍ତି ବିତରଣ । |
| ଅଗଷ୍ଟ | ସ୍କାଉଟ୍, ଗାଇଡ୍, ଏନ୍.ସି.ସି, ସେଣ୍ଟ ଜୋସେଫ୍ ଆମ୍ବୁଲାନ୍ସ, ଜୁନିୟର ରେଡ୍‌କ୍ରସ୍, ସାଇନ୍ସ୍ କ୍ଲବ୍, ଇକୋ କ୍ଲବ୍, ଷ୍ଟୁଡେଣ୍ଟସ୍ ଲିଗାଲ୍ କ୍ଲବ୍, ରେଡ୍ ରିବନ୍ କ୍ଲବ୍‌ରେ ନାମ ଲେଖା, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ମାର୍ଗଦର୍ଶନ, ଆନ୍ତଃଗୃହ ଲିଖନ ପ୍ରତିଯୋଗୀତା, ଜାତୀୟ କଂଗ୍ରେସ ପାଇଁ ବିଜ୍ଞାନ ପ୍ରକଳ୍ପ ପ୍ରସ୍ତୁତି, ସ୍ୱାଧୀନତା ଦିବସ ପାଳନ, ସଂସ୍କୃତ ଦିବସ (ଅଗଷ୍ଟ ୨୪) ପ୍ରତ୍ୟେକ ଶ୍ରେଣୀ ଏବଂ ପ୍ରତ୍ୟେକ ବିଷୟ ପାଇଁ ପ୍ରଥମ ଏକକ ପରୀକ୍ଷା ଫଳାଫଳର ବିଶ୍ଳେଷଣ, ନବମ ଶ୍ରେଣୀ ପାଇଁ ଦ୍ୱିତୀୟ ଏକକ ପରୀକ୍ଷଣ, ଦଶମ ଶ୍ରେଣୀ ପାଇଁ ତୃତୀୟ ଏକକ ପରୀକ୍ଷଣ, ପିତାମାତା ଶିକ୍ଷକ ବୈଠକ, ମାତୃ ବୈଠକ, ବିଦ୍ୟାଳୟ ପରିଚାଳନା କମିଟି ଏବଂ ଶିକ୍ଷକମାନଙ୍କର ବୈଠକ । |
| ସେପ୍ଟେମ୍ବର | ଗୁରୁ ଦିବସ (ସେପ୍ଟେମ୍ବର-୫), ବିଶ୍ୱ ସାକ୍ଷରତା ଦିବସ (ଡିସେମ୍ବର ୮), ଆନ୍ତର୍ଜାତୀୟ ଶାନ୍ତି ଦିବସ (ସେପ୍ଟେମ୍ବର ୧୭), ଗଣେଶ ପୂଜା, ବିଶ୍ୱ ମୂକ ବଧିର ଦିବସ (ସେପ୍ଟେମ୍ବର ୨୩), ପ୍ରତ୍ୟେକ ବିଷୟ ପାଇଁ କ୍ଲିଷ୍ଟ ଅଂଶ / ଅଧ୍ୟାୟର ଚିହ୍ନଟ, ଉଚ୍ଚ ଏବଂ ମନ୍ଥର କୃତି ସମ୍ପନ୍ନ ଛାତ୍ରଛାତ୍ରୀଙ୍କର ଚିହ୍ନଟ, ଉଚ୍ଚ ସଫଳତା ବିଶିଷ୍ଟ ଛାତ୍ରଛାତ୍ରୀଙ୍କ ପାଇଁ ଆନୁସଙ୍ଗିକ କାର୍ଯ୍ୟକ୍ରମ ଏବଂ ଦୁର୍ବଳ |

| | |
|---|---|
| | ସଫଳତା ହାର ଛାତ୍ରଛାତ୍ରୀମାନଙ୍କ ପାଇଁ ବିକଳ୍ପ ଶିକ୍ଷାଦାନ ବ୍ୟବସ୍ଥା, ବିଜ୍ଞାନ ପ୍ରକଳ୍ପର ସ୍ଥାନୀୟ ପରୀକ୍ଷଣ, ଦ୍ୱିତୀୟ ଏକକ ପରୀକ୍ଷଣ ଫଳାଫଳର ବିଶ୍ଳେଷଣ, ନବମ ଶ୍ରେଣୀ ପାଇଁ ତୃତୀୟ ଏକକ ପରୀକ୍ଷଣ, ଦଶମ ଶ୍ରେଣୀ ପିଲାଙ୍କର ପ୍ରି-ବୋର୍ଡ୍-୧ ପରୀକ୍ଷା, ସୁରଭିର ମଣ୍ଡଳ ସ୍ତରୀୟ ପ୍ରସ୍ତୁତି, ପିତାମାତା ଶିକ୍ଷକ ବୈଠକ, ମାତୃ ବୈଠକ, ବିଦ୍ୟାଳୟ ପରିଚାଳନା କମିଟି ଏବଂ ଶିକ୍ଷକମାନଙ୍କର ବୈଠକ |

| ମାସ | କାର୍ଯ୍ୟକ୍ରମ |
|---|---|
| ଅକ୍ଟୋବର | ବନ୍ୟପ୍ରାଣୀ ସପ୍ତାହ (ଅକ୍ଟୋବର-୧), ଗାନ୍ଧୀ ଜୟନ୍ତୀ / ଶାସ୍ତ୍ରୀ ଜୟନ୍ତୀ/ ଆନ୍ତର୍ଜାତିକ ଅହିଂସା ଦିବସ (ଅକ୍ଟୋବର ୨), ଗୋପବନ୍ଧୁ ଜୟନ୍ତୀ / ବିଶ୍ୱ ଡାକ ଦିବସ (ଅକ୍ଟୋବର ୯), ବିଶ୍ୱ ହାତଧୁଆ ଦିବସ (ଅକ୍ଟୋବର ୧୫), ମିଳିତ ଜାତି ସଂଘ ଦିବସ (ଅକ୍ଟୋବର ୨୪), ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ (ଅକ୍ଟୋବର ୩୦), ନବମ ଶ୍ରେଣୀ ପାଇଁ ଚତୁର୍ଥ ଏକକ ପରୀକ୍ଷଣ, ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା, ବିଦ୍ୟାଳୟ ସମ୍ବାଦ ଏବଂ ପତ୍ରିକା ପ୍ରସ୍ତୁତି, ପୂଜା ଛୁଟି ପାଇଁ ଗୃହ କାର୍ଯ୍ୟ, ବ୍ଲକ ସ୍ତରୀୟ ସୁରଭି ପ୍ରସ୍ତୁତି, ଦଶମ ଶ୍ରେଣୀ ପିଲାଙ୍କର ପ୍ରି-ବୋର୍ଡ୍-୧ ପରୀକ୍ଷା ଫଳାଫଳର ବିଶ୍ଳେଷଣ, ପିତାମାତା ଶିକ୍ଷକ ବୈଠକ, ମାତୃ ବୈଠକ, ବିଦ୍ୟାଳୟ ପରିଚାଳନା କମିଟି ଏବଂ ଶିକ୍ଷକମାନଙ୍କର ବୈଠକ । |
| ନଭେମ୍ବର | ଶିଶୁ ଦିବସ (ନଭେମ୍ବର ୧୪), ଶିଶୁ ଅଧିକାର ଦିବସ (ନଭେମ୍ବର ୨୦), ଶ୍ରେଣୀ ଏବଂ ଗୃହ ଅନୁଯାୟୀ ପ୍ରାଚୀର ପତ୍ରିକା ପ୍ରଦର୍ଶନ, ଐତିହାସିକ ବିଶେଷତ୍ୱ ବିଶିଷ୍ଟ ସ୍ଥାନୀୟ ଅଞ୍ଚଳକୁ ପାଠ୍ୟ ପରିଭ୍ରମଣ, ବିଦ୍ୟାଳୟ ପତ୍ରିକାର ପ୍ରକାଶନ, ଜିଲ୍ଲା ଏବଂ ରାଜ୍ୟ ସ୍ତରରେ ସୁରଭି କାର୍ଯ୍ୟକ୍ରମରେ ଯୋଗଦାନ, ବାର୍ଷିକ କ୍ରୀଡ଼ା, ନବମ ଶ୍ରେଣୀ ପାଇଁ ତୃତୀୟ ଏକକ ପରୀକ୍ଷଣ ଫଳାଫଳର ବିଶ୍ଳେଷଣ, ଦଶମ ଶ୍ରେଣୀ ପାଇଁ ଚତୁର୍ଥ ଏକକ ପରୀକ୍ଷଣ, ନବମ ଶ୍ରେଣୀ ପାଇଁ ଅର୍ଦ୍ଧ ବାର୍ଷିକ ପରୀକ୍ଷା, ପିତାମାତା ଶିକ୍ଷକ ବୈଠକ, ମାତୃ ବୈଠକ, ବିଦ୍ୟାଳୟ ପରିଚାଳନା କମିଟି ଏବଂ ଶିକ୍ଷକମାନଙ୍କର ବୈଠକ |
| ଡିସେମ୍ବର | ବିଶ୍ୱ ଏଡସ୍ ଦିବସ (ଡିସେମ୍ବର ୧), ବିଶ୍ୱ ପ୍ରଦୂଷଣ ନିରାକରଣ ଦିବସ (ଡିସେମ୍ବର୨), ବିଶ୍ୱ ଭିନ୍ନକ୍ଷମ ଦିବସ (ଡିସେମ୍ବର ୩), ମାନବାଧିକାର ଦିବସ (ଡିସେମ୍ବର ୧୦), ପଠାଣି ସାମନ୍ତ ଜୟନ୍ତୀ (ଡିସେମ୍ବର ୧୮), ଦଶମ ଶ୍ରେଣୀ ପାଇଁ ପ୍ରି-ବୋର୍ଡ୍-୨ ପରୀକ୍ଷା, ନବମ ଶ୍ରେଣୀ ପାଇଁ ଚତୁର୍ଥ ଏକକ ପରୀକ୍ଷଣ ଏବଂ ଫଳାଫଳର ବିଶ୍ଳେଷଣ, ବାର୍ଷିକ ଦିବସ, ଶିବିର କାର୍ଯ୍ୟକ୍ରମ, ଫଳାଫଳ ଅନୁଯାୟୀ ଦଶମ ଶ୍ରେଣୀ ପିଲାଙ୍କର ବର୍ଗୀକରଣ ଓ ତଦନୁଯାୟୀ ଉଚ୍ଚ ଓ ନିମ୍ନ ସଫଳତା ହାର ଛାତ୍ରଛାତ୍ରୀଙ୍କପାଇଁ ସ୍ୱତନ୍ତ୍ର ଶିକ୍ଷାଦାନ ବ୍ୟବସ୍ଥା, ପିତାମାତା ଶିକ୍ଷକ ବୈଠକ, ମାତୃ ବୈଠକ, ବିଦ୍ୟାଳୟ ପରିଚାଳନା କମିଟି ଏବଂ ଶିକ୍ଷକମାନଙ୍କର ବୈଠକ |
| ଜାନୁୟାରୀ | ବିବେକାନନ୍ଦ ଜୟନ୍ତୀ (ଜାନୁୟାରୀ ୧୨), ନେତାଜୀ ଜୟନ୍ତୀ, ବୀର ସୁରେନ୍ଦ୍ର ସାଏ ଜୟନ୍ତୀ (ଜାନୁୟାରୀ ୨୩), ସାଧାରଣତନ୍ତ୍ର ଦିବସ (ଜାନୁୟାରୀ ୨୬), ଶହୀଦ ଦିବସ / ଜାତୀୟ ପରିମଳ ଦିବସ (ଜାନୁୟାରୀ ୩୦), ଦଶମ ଶ୍ରେଣୀ ପିଲାଙ୍କପାଇଁ ସ୍ୱତନ୍ତ୍ର ଶିକ୍ଷାଦାନ ବ୍ୟବସ୍ଥା, ନବମ ଶ୍ରେଣୀ ପାଇଁ ପଞ୍ଚମ ଏକକ ପରୀକ୍ଷଣ ଏବଂ ଫଳାଫଳ ବିଶ୍ଳେଷଣ, ପ୍ରକଳ୍ପ କାର୍ଯ୍ୟର ବିଶ୍ଳେଷଣ, ପିତାମାତା ଶିକ୍ଷକ ବୈଠକ, ମାତୃ ବୈଠକ, ବିଦ୍ୟାଳୟ ପରିଚାଳନା କମିଟି ଏବଂ ଶିକ୍ଷକମାନଙ୍କର ବୈଠକ । |
| ଫେବୃୟାରୀ | ଜାତୀୟ ବିଜ୍ଞାନ ଦିବସ / ପଠନ ଦିବସ (ଫେବୃୟାରୀ ୨୮), ବାର୍ଷିକ ଉତ୍ସବ, ଦଶମ ଶ୍ରେଣୀ ପିଲାଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷାଦାନ ବ୍ୟବସ୍ଥା, ଜୁନିୟର ରେଡକ୍ରସ ସଂକ୍ରାନ୍ତୀୟ ସ୍ୱାସ୍ଥ୍ୟ ପରୀକ୍ଷା, ବାର୍ଷିକ ପରୀକ୍ଷା ପାଇଁ ପ୍ରଶ୍ନ ପତ୍ର ପ୍ରସ୍ତୁତି, ନବମ ଶ୍ରେଣୀ ପାଇଁ ୬ଷ୍ଠ ଏକକ ପରୀକ୍ଷଣ, ପିତାମାତା ଶିକ୍ଷକ ବୈଠକ, ମାତୃ ବୈଠକ, ବିଦ୍ୟାଳୟ ପରିଚାଳନା କମିଟି ଏବଂ ଶିକ୍ଷକମାନଙ୍କର ବୈଠକ, ବୋର୍ଡ଼ ପରୀକ୍ଷା ପାଇଁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କର ପ୍ରସ୍ତୁତି । |
| ମାର୍ଚ୍ଚ | ବିଶ୍ୱ ଧାରଣୀୟ ଶକ୍ତି ଦିବସ (ମାର୍ଚ୍ଚ ୧), ପଞ୍ଚାୟତିରାଜ ଦିବସ (ମାର୍ଚ୍ଚ ୫), ଆନ୍ତର୍ଜାତିକ ମହିଳା ଦିବସ (ମାର୍ଚ୍ଚ୮), ବିଶ୍ୱ ଖାଉଟି ଅଧିକାର ଦିବସ (ମାର୍ଚ୍ଚ ୧୫), ବିଶ୍ୱ ଅରଣ୍ୟ ଦିବସ (ମାର୍ଚ୍ଚ ୨୧), ବିଶ୍ୱ ଜଳ ଦିବସ (ମାର୍ଚ୍ଚ ୨୨), ମାଧମିକ ପରୀକ୍ଷା, ନବମ ଶ୍ରେଣୀର ବାର୍ଷିକ ପରୀକ୍ଷା, ଫଳାଫଳ ଘୋଷଣା ଏବଂ ପ୍ରଗତି ପତ୍ର ବଣ୍ଟନ, ଷ୍ଟକ୍ ଭେରିଫିକେସନ୍, ୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ନାମ ଲେଖା ନହୋଇଥିବା ପିଲାଙ୍କର ଚିହ୍ନଟ, ପରବର୍ତ୍ତୀ ଶିକ୍ଷା ବର୍ଷ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତି, ବିଦ୍ୟାଳୟ କାର୍ଯ୍ୟକ୍ରମର ସମୀକ୍ଷା ଏବଂ ଚଳିତ ଶିକ୍ଷା ବର୍ଷରେ କୃତିତ୍ୱର ବିଶ୍ଳେଷଣ । |